**ପିକ୍ଅପ୍ ଭ୍ୟାନ ଡ୍ରାଇଭରଙ୍କୁ ମାଡ଼ ମାରି ଟଙ୍କା ଲୁଟ୍ ଉଦ୍ୟମ, ୮ ଅଟକ**

ବାରଙ୍ଗ,(ଲିଙ୍ଗରାଜ ରାଉତ): ରାମଦାସପୁର ନିକଟରେ ଏକକ ପିକ୍ଅପ୍ ଭ୍ୟାନକୁ ଅଟକାଇ ଡ୍ରାଇଭରଙ୍କୁ ମାଡ଼ ମାରି ଟଙ୍କା ଲୁଟ୍ ଉଦ୍ୟମ ଅଭିଯୋଗରେ ବାରଙ୍ଗ ଥାନା ପୋଲିସ ୮ ଜଣଙ୍କୁ ଅଟକ ରଖିବା ସହ ଏକ ଗାଡ଼ିକୁ ଜବତ କରିଛି। ପିକ୍ଅପ୍ ଭ୍ୟାନ(ୟୁପି ୬୪ସିଟି ୨୦୨୪)ଟି ଶନିବାର ବିଳମ୍ବିତ ରାତିରେ ଅନୁଗୋଳରୁ ବାରଙ୍ଗ ଦେଇ ଭୁବନେଶ୍ୱର ଅଭିମୁଖେ ଯାଉଥିଲା। ଏକ ଟ୍ରାଭେରାରେ ୮ ଜଣ ଯୁବକ ରାମଦାସପୁର ନିକଟରେ ପହଞ୍ଚି ହଠାତ୍ ଉକ୍ତ ପିକଅପ୍ ଭ୍ୟାନକୁ ଅଟକାଇବା ଡ୍ରାଇଭରଙ୍କୁ ମାଡ଼ ମାରିବା ସହ ଟଙ୍କା ଲୁଟିବାକୁ ଉଦ୍ୟମ କରିଥିଲେ।

# ଲକ୍ଷ୍ମୀସାଗର ଛକରେ ଦେଢ଼ଘଣ୍ଟା ରାସ୍ତା ଅବରୋଧ




ଭୁବନେଶ୍ୱର,୨୯।୧୨(ସତ୍ୟଜିତ୍ ରାଉତ)

## ହାଇସ୍କୁଲ ପଡ଼ିଆରେ କ୍ରିକେଟ୍ ଖେଳ ବନ୍ଦକୁ ନେଇ ବିବାଦ

## ଫସିରହିଲା ଶତାଧିକ ଗାଡ଼ି, ପର୍ଯ୍ୟଟକ ହଟହଟା


(ଫଟୋ: ବିକାଶ ନାୟକ)

ଭୁବନେଶ୍ୱର ଲକ୍ଷ୍ମୀସାଗର ହାଇସ୍କୁଲ ଖେଳପଡ଼ିଆରେ ରବିବାର କ୍ରିକେଟ୍ ଟୁର୍ନାମେଣ୍ଟ ହେବାକୁ ଥିବାବେଳେ ଏହାକୁ ନେଇ ବିବାଦ ମୁଣ୍ଡ ଟେକିଛି। ସ୍ଥାନୀୟ ପୋଲିସ ପକ୍ଷରୁ ଏହି କ୍ରିକେଟ ଖେଳ ବନ୍ଦ କରାଯିବାରୁ ଆୟୋଜକମାନେ ପ୍ରତିବାଦ କରି ରାସ୍ତାକୁ ଓହ୍ଲାଇଛନ୍ତି। ଲକ୍ଷ୍ମୀସାଗର ଛକରେ ଆୟୋଜକମାନେ ଏକତ୍ରିତ ହୋଇ ରାସ୍ତା ଅବରୋଧ କରିବାରୁ କଟକ ରୋଡରେ ଯାତାୟାତ କରୁଥିବା ସାଧାରଣ ଲୋକେ ନାନା ହଇରାଣର ସମ୍ମୁଖୀନ ହୋଇଛନ୍ତି। ସ୍କୁଲପଡ଼ିଆରେ ବିନା ଅନୁମତିରେ ଏହି ଟୁର୍ନାମେଣ୍ଟ ଆୟୋଜନ ହେଉଥିବାବେଳେ ଏହାକୁ ବନ୍ଦ କରିବାକୁ ପୋଲିସ ନିକଟରେ ପ୍ରଧାନ ଶିକ୍ଷୟିତ୍ରୀ ଅଭିଯୋଗ କରିଥିଲେ। ରବିବାର ସକାଳେ ଲକ୍ଷ୍ମୀସାଗର ଥାନା ପୋଲିସ ପଡ଼ିଆରେ ପହଞ୍ଚି ଖେଳ ବନ୍ଦ କରିବାରୁ ବଚସା ହୋଇଥିଲା। ଆୟୋଜକମାନେ ପୋଲିସ ସହ ବଚସା କରିଥିଲେ। ଏପରିକି ଦୀର୍ଘ ୪୦ବର୍ଷ ହେଲା ପଡ଼ିଆରେ ସେମାନେ ଖେଳ ଆୟୋଜନ କରିଆସୁଥିବା ବେଳେ ଚଳିତବର୍ଷ କାହିଁକି ଟୁର୍ନାମେଣ୍ଟ ଆୟୋଜନ ହୋଇପାରିବ ନାହିଁ ବୋଲି ପ୍ରଶ୍ନ କରିଥିଲେ। ହେଲେ ବିନା ଅନୁମତିରେ ଏହି ଖେଳ ଆୟୋଜନ ହୋଇପାରିବ ନାହିଁ ବୋଲି ପୋଲିସ ରୋକଠୋକ୍ ମନା କରିଦେବାରୁ ଆୟୋଜକମାନେ ଉତ୍ତେଜିତ ହୋଇଥିଲେ। ପରେ ଆୟୋଜକ ଯୁବକମାନଙ୍କ ସହ ଗାଁର ମହିଳା ଲକ୍ଷ୍ମୀସାଗର ଛକରେ ପହଞ୍ଚି ବିକ୍ଷୋଭ କରିଥିଲେ। ଏପରିକି ପଡ଼ିଆରେ ଥିବା କ୍ରିକେଟ୍ ବ୍ୟାଟ୍ ଓ ଷ୍ଟମ୍ପ୍ ଧରି ଯୁବକମାନେ ରାସ୍ତାରେ ବସି ଆନ୍ଦୋଳନ କରିଥିଲେ। ଫଳରେ କଟକ ରୋଡର ଉଭୟ ପାର୍ଶ୍ୱରେ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ଶତାଧିକ ଗାଡ଼ିମୋଟର ଫସିରହିଥିବା ବେଳେ ସାଧାରଣ ଲୋକେ ହଇରାଣ ହୋଇଥିଲେ। ଆନ୍ଦୋଳନସ୍ଥଳରେ ଲକ୍ଷ୍ମୀସାଗର ଥାନାଧିକାରୀ ପି. ଶ୍ୟାମସୁନ୍ଦର ରାଓ ଓ ଜୋନ୍ ଏସିପି ମାନସ ଦେଓ ପ୍ରମୁଖ ପହଞ୍ଚି ବିକ୍ଷୋଭକାରୀଙ୍କୁ ବୁଝାଶୁଝା କରିଥିଲେ। ପୋଲିସ କଥା ନ ଶୁଣି ଆନ୍ଦୋଳନକାରୀମାନେ ରାସ୍ତା ମଝିରେ ବସି ରହିଥିଲେ। ସୁରକ୍ଷା ପାଇଁ ୪ ପ୍ଲାଟୁନ୍ ପୋଲିସ ଫୋର୍ସ ଘଟଣାସ୍ଥଳରେ ପହଞ୍ଚିଥିଲା। ଏପରି କି ପୋଲିସ ଓ ଆନ୍ଦୋଳନକାରୀମାନଙ୍କ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ଉପୁଜିଥିଲା। ଦୀର୍ଘ ସମୟ ଧରି ମୁଖ୍ୟ ରାସ୍ତା ବନ୍ଦ ହୋଇଯିବାରୁ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏପରି କି ବସ୍ ଏବଂ ବିଭିନ୍ନ ଗାଡ଼ିରେ ଯାଉଥିବା ଯାତ୍ରୀ ଓ ପର୍ଯ୍ୟଟକମାନେ ଅସନ୍ତୋଷ ବ୍ୟକ୍ତ କରି ଓହ୍ଲାଇ ଚାଲି ଚାଲି ଯାଉଥିବା ଦେଖିବାକୁ ମିଳିଥିଲା। ପରେ ଦିନ ପ୍ରାୟ ୨ଟାରେ ଆନ୍ଦୋଳନକାରୀମାନେ ରାସ୍ତାରୁ ହଟିବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ଖେଳ ବନ୍ଦ ପାଇଁ ହୀନ ରାଜନୀତି ହେଉଥିବା ଆନ୍ଦୋଳନକାରୀ ଜଣେ ମହିଳା ଅଭିଯୋଗ କରି କହିଛନ୍ତି। ସ୍କୁଲ ବନ୍ଦ ବେଳେ କୌଣସି ପ୍ରକାର ଅନୁମତି ଦରକାର ନାହିଁ ବୋଲି ହାଇସ୍କୁଲ ପଡ଼ିଆ ରିନୋଭେଶନ ସମୟରେ ବିଏମ୍‌ସି ପକ୍ଷରୁ ଲିଖିତ ଆକାରରେ କୁହାଯାଇଥିଲା। ହେଲେ ଏବେ କ'ଣପାଇଁ ଅନୁମତି ଦରକାର ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ନିର୍ଦ୍ଦିଷ୍ଟ ଜଣେ ରାଜନୈତିକ ବ୍ୟକ୍ତିଙ୍କୁ ଅତିଥି ଭାବେ ଡକା ନ ଯିବାରୁ ସେ ଷଡ଼ଯନ୍ତ୍ର କରି ଖେଳ ବନ୍ଦ କରିଥିବା ଜଣେ ଯୁବକ ଅଭିଯୋଗ କରିଛନ୍ତି। ସେପଟେ ମ୍ୟାଚ୍ ଖେଳିବାକୁ କେନ୍ଦ୍ରାପଡ଼ା ଓ କଟକରୁ ଟିମ୍ ଆସିଥିବାବେଳେ ଟୁର୍ନାମେଣ୍ଟ ବନ୍ଦ ହୋଇଯିବାରୁ ଖେଳାଳିମାନେ ଫେରିଯାଇଥିଲେ। ତେବେ ଏହି ଘଟଣାରେ ବୁଝାମଣା ପାଇଁ ସୋମବାର ଆୟୋଜକମାନଙ୍କୁ ଡିସିପି ଅଫିସକୁ ଡକାଯାଇଥିବା ସୂଚନା ମିଳିଛି। ଏନେଇ ପ୍ରଧାନ ଶିକ୍ଷୟିତ୍ରୀ ସ୍ମାତା ପତିଙ୍କୁ ଯୋଗାଯୋଗ କରାଯାଇଥିବାବେଳେ ତାଙ୍କ ଠାରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ୩ଟି ନୂଆ ସ୍ଥାନରେ ପାର୍କିଂ

## ଟ୍ରାଫିକ୍ ସମସ୍ୟା ଦୂର ପାଇଁ ବିଏମ୍‌ସିର ପଦକ୍ଷେପ

ଭୁବନେଶ୍ୱର, ୨୯।୧୨ (ବନ୍ଦନା ସେଠୀ)

ରାଜଧାନୀ ଭୁବନେଶ୍ୱରରେ ପାର୍କିଂ ସମସ୍ୟା ଦୂର ପାଇଁ ବିଏମ୍‌ସି ପକ୍ଷରୁ ସହରର ୨ ସ୍ଥାନରେ ନୂଆ ପାର୍କିଂ ବ୍ୟବସ୍ଥା ହେଉଛି। ଏଥିପାଇଁ କାମ ଆରମ୍ଭ ହୋଇଥିବାବେଳେ ପ୍ରବାସୀ ଭାରତୀୟ ଦିବସ ସମାରୋହ ପୂର୍ବରୁ ଅର୍ଥାତ୍ ଆସନ୍ତା ସପ୍ତାହେ ମଧ୍ୟରେ କାର୍ଯ୍ୟକ୍ଷମ ହୋଇଯିବ ବୋଲି କୁହାଯାଇଛି। ଦକ୍ଷିଣ-ପୂର୍ବ ଜୋନ୍ ଅନ୍ତର୍ଗତ କଳ୍ପନାଛକସ୍ଥିତ ପୁରୁଣା ବିଏମ୍‌ସି କାର୍ଯ୍ୟାଳୟଠାରୁ ମାଉସୀମା' ମନ୍ଦିର ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ପ୍ରାୟ ୪୦୦ ମିଟର ଦୈର୍ଘ୍ୟ ବିଶିଷ୍ଟ ପାର୍କିଂ କ୍ଷେତ୍ର ପ୍ରସ୍ତୁତ ହୋଇଛି। ସେହିପରି ଦକ୍ଷିଣ-ପଶ୍ଚିମ ଜୋନ୍ ଅନ୍ତର୍ଗତ ଖଣ୍ଡଗିରି ଅଗ୍ନିଶମ କେନ୍ଦ୍ରରୁ ପଟାସ ଛକ ପର୍ଯ୍ୟନ୍ତ ୭୦୦ମିଟର ରାସ୍ତାର ଡାହାଣପାର୍ଶ୍ୱ ଅଞ୍ଚଳ ଏବଂ ଷ୍ଟୁଆର୍ଟ ସ୍କୁଲଠାରୁ ଜଳେଶ୍ୱର ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ବାମପାର୍ଶ୍ୱରେ ପ୍ରାୟ ୬୫୦ମିଟର ପାର୍କିଂ ସ୍ଥଳ ପ୍ରସ୍ତୁତି କାମ ଚାଲିଛି। ଏହି କ୍ଷେତ୍ରଗୁଡିକ ବିକଶିତ ହେବାପରେ ନାଗରିକମାନେ ଆଉ ପାର୍କିଂ ଅସୁବିଧାର ସମ୍ମୁଖୀନ ହେବେ ନାହିଁ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ମେୟର ସୁଲୋଚାନା ଦାସ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ତଦାରଖ କରୁଛନ୍ତି। ସେହିପରି କମିଶନର ରାଜେଶ ପ୍ରଭାକର ପାଟିଲ କ୍ଷେତ୍ର ପରିଦର୍ଶନ ସହିତ ଦୈନିକ କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ରିପୋର୍ଟ ଦେବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ସ୍ମାର୍ଟ ଜନପଥରେ ପ୍ରାୟ ୪୦ଟି ପାର୍କିଂ ସ୍ଥାନ ସହିତ ବିଭିନ୍ନ ସ୍ଥାନରେ ଥିବା ବ୍ୟକ୍ତିଗତ ତଥା ବିଏମ୍‌ସି ସ୍ଥାନଗୁଡିକ ପାର୍କିଂ ପାଇଁ ବ୍ୟବହାର ହେଉଛି। ଟ୍ରାଫିକ୍ ଜାମ୍ ଦୂର ସହ ଉଠାଦୋକାନୀଙ୍କ ଉନ୍ନତି ପାଇଁ ୫୫ଟି ସ୍ଥାନ ଚିହ୍ନଟ କରାଯାଇଥିବାବେଳେ ଆଗାମୀ ଦିନରେ ସହରରେ ନାଗରିକଙ୍କ ପାଇଁ ଅଧିକ ପାର୍କିଂ ସ୍ଥାନ ସୃଷ୍ଟି କରାଯିବାର ବ୍ୟବସ୍ଥା କରାଯାଉଥିବା ସୂଚନା ଦିଆଯାଇଛି।

# ଓୟୁଏଟି ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ଉତ୍ସବ



ଉତ୍ସବରେ ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳଙ୍କ ସହ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର, ୨୯।୧୨ (ବନ୍ଦନା ସେଠୀ)

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ଅବସରପ୍ରାପ୍ତ କର୍ମଚାରୀ ସଂଘର ୧୯ତମ ବାର୍ଷିକ ଉତ୍ସବ ଓ ସାଧାରଣ ପରିଷଦ ବୈଠକ ରବିବାର ସ୍ଥାନୀୟ ମଙ୍ଗଳା ମଣ୍ଡପ କମ୍ୟୁନିଟି ସେଣ୍ଟରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ କର୍ମଚାରୀଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ବିଶେଷକରି ସମସ୍ତଙ୍କ ପ୍ରଚେଷ୍ଟାରେ ଓୟୁଏଟି ଆଜି ଭାରତରେ ଏକ ଅଗ୍ରଣୀ ଅନୁଷ୍ଠାନ ହୋଇପାରିଛି ବୋଲି କହିବା ସହ ୮୦ବର୍ଷରୁ ଉର୍ଦ୍ଧ୍ୱ ୨୦ଜଣ ବ୍ୟକ୍ତିଙ୍କୁ ସମ୍ମାନିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଷ୍ଟେଟ୍ ବ୍ୟାଙ୍କର ଏଜିଏମ୍ ଅତିନ୍ଦ୍ରିତା ମିଶ୍ର ଯୋଗଦେଇଥିଲେ। ଉତ୍ସବରେ ଓୟୁଏଟି ଅଧୀନ ଓଡ଼ିଶାର ୧୦ଟି କଲେଜ, ୧୦ଟି ଆଞ୍ଚଳିକ ଗବେଷଣା କେନ୍ଦ୍ର, ୩୦ଟି କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକଙ୍କ ସହ ଡିନ୍, ପ୍ରଫେସର, ପ୍ରଶାସନିକ ଅଧିକାରୀ, ପୂର୍ବତନ କୁଳପତି ପ୍ରଫେସର ମନୋରଞ୍ଜନ କର ଯୋଗଦେଇ ମତ ରଖିଥିଲେ।

# ବାଣପୁରର ଗରିମା ରାଜ୍ୟବାସୀଙ୍କ ପାଇଁ ଗର୍ବ, ଗୌରବ

ଭୁବନେଶ୍ୱର,୨୯।୧୨(ସୁଚିସ୍ମିତା ସାହୁ)

ଚିଲିକା-ବାଣପୁର ଅଞ୍ଚଳର ସମ୍ଭ୍ରାନ୍ତ ଇତିହାସ, ସାହିତ୍ୟ ଓ ସଂସ୍କୃତି ସମଗ୍ର ଓଡିଶା କଳା ସଂସ୍କୃତି, ସାରସ୍ୱତ ସର୍ଜନା ଓ ସାମାଜିକ ଇତିହାସକୁ ସମୃଦ୍ଧ କରିଛି। ଏହି ମାଟିରେ କବି, ଶିଳ୍ପୀ, ବିପ୍ଳବୀ, ନେତା ଓ ସଂଗ୍ରାମୀଙ୍କ ଭଳି ବହୁ ବ୍ୟକ୍ତିତ୍ୱ ଜନ୍ମ ହୋଇଛନ୍ତି। ବାଣପୁର ଅଞ୍ଚଳର ଗରିମା ସମଗ୍ର ରାଜ୍ୟବାସୀଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ଛତିଶଗଡ ଓ ଆନ୍ଧ୍ରପ୍ରଦେଶର ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ କହିଛନ୍ତି। ରବିବାର ସୂଚନାଭବନଠାରେ ଅନୁଷ୍ଠିତ ମା' ଭଗବତୀ ବିକାଶ ପରିଷଦର ପଞ୍ଚଦଶତମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି। ମୁଖ୍ୟବକ୍ତା ଭାବେ ବିଜୟାନନ୍ଦ ସିଂ ଯୋଗଦେଇ ବାଣପୁର ଜିଲାର ସଫଳ ଇତିହାସକୁ ବିଶ୍ୱ ଇତିହାସର ଆଖ୍ୟା ଦେଇଥିଲେ। ବାଣପୁର ମାଟି ବିଶ୍ୱର ପ୍ରଥମ ଅଞ୍ଚଳ, ଯେଉଁଠି ବ୍ରିଟିଶମାନେ ପରାଜିତ ହୋଇଥିଲେ। ଏହି ମାଟିରେ ପ୍ରଥମେ ସ୍ୱାଧୀନତାର ଧ୍ୱଜା ଉଡିଥିଲା। ପରିଷଦ ସଭାପତି ପୂର୍ବତନ ମନ୍ତ୍ରୀ ଦେବେନ୍ଦ୍ରନାଥ ମାନସିଂହ ଏଥିରେ ସଭାପତିତ୍ୱ କରିଥିବାବେଳେ ସାଧାରଣ ସମ୍ପାଦକ ସୁବଳ ଚରଣ ଭୋଳ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଡ. ପଦ୍ମଜ ପାଳଙ୍କୁ 'ଜଷ୍ଟିସ ଦୀପକ ମିଶ୍ର ସଂସ୍କୃତି ପୁରସ୍କାର' ଦିଆଯାଇଥିଲା। ଡା. ଗୌରଶଙ୍କର ପ୍ରସାଦ ମିଶ୍ର, ଡା. ଧୀରଜ ମହାପାତ୍ର, ଆଇଏଫ୍‌ଏସ୍ ଅଧିକାରୀ ଆଶୁତୋଷ ସାମନ୍ତସିଂହାର, ପୂର୍ବତନ ପ୍ରଧାନ ଶିକ୍ଷକ ସୁବଳ ଚରଣ ଭୋଳ ଓ ଛାତ୍ରୀ ପ୍ରନ୍ତିକା ନନ୍ଦଙ୍କୁ 'ମା ଭଗବତୀ ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଏଥିସହ ଅବସରପ୍ରାପ୍ତ ଶିକ୍ଷକ ଶ୍ରୀବତ୍ସ ମାଳୀଙ୍କର 'ସ୍ମୃତି ଝଲକ' ପୁସ୍ତକ ଲୋକାର୍ପଣ ହୋଇଥିଲା। ପ୍ରମୋଦ କୁମାର ଦାଶ, ନୀଳାଦ୍ରି ସ୍ୱାଇଁ ଏବଂ ବିଭୁଭୂଷଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିବାବେଳେ ପ୍ରଦୀପ ଚରଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଭୁଜୀ ଇଂଲିଶ୍ ମିଡିୟମ୍ ସ୍କୁଲର ବାର୍ଷିକ ଉତ୍ସବ




ଭୁବନେଶ୍ୱର,୨୯।୧୨(ଅନୁରାଧା ମହାରଣା)

ଭିଏସ୍‌ଏସ୍‌ନଗରସ୍ଥିତ ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲର ବାର୍ଷିକୋତ୍ସବ ପ୍ରତିଷ୍ଠାତା ସ୍ୱାମୀ ଶଙ୍କରାନନ୍ଦ ଗିରି ମହାରାଜଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ସତ୍ୟ ସ୍ୱରୂପ ଦେବାଶିଷ, ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ବିନୋଦ ମହାରଣା ଏବଂ ଇଡ୍‌କୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ସୁରେଶ ଚନ୍ଦ୍ର ଦଳାଇ, ନାଇଜର କୁଳ ସଚିବ ତଥା ବିଶିଷ୍ଟ ସାହିତ୍ୟିକ ଡ. ଅଭୟ କୁମାର ନାୟକ, ବିଦ୍ୟାଳୟ ପରିଚାଳନା ସମିତିର ଉପ ସମ୍ପାଦିକା ପ୍ରୀତିନନ୍ଦା ମହାପାତ୍ର ଏବଂ କୋଷାଧ୍ୟକ୍ଷ ଶୋଭାକର ଦାଶ ଫତେସିଂ ଯୋଗଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଅଲେଖ ଚରଣ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଶ୍ରେଷ୍ଠ ଛାତ୍ର ଭାବେ ଶାଶ୍ୱତ ରଥ ଓ ଅନ୍ୟ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ଏନ୍. ପ୍ରମିଳା ନାଗରାଣୀ ମଞ୍ଚ ପରିଚାଳନା କରିଥିଲେ। ସାଂସ୍କୃତିକ ପ୍ରମୁଖ ସସ୍ମିତା ନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ୍ ଚିତ୍ତାକର୍ଷକ ଥିଲା। ବିଦ୍ୟାଳୟର ୫୦୦ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବା ସହିତ ୩୦୦୦ରୁ ଅଧିକ ଅଭିଭାବକ ଉପସ୍ଥିତ ରହି ଉତ୍ସବକୁ ଉପଭୋଗ କରିଥିଲେ। ଶିକ୍ଷକ ରମେଶ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

# ଆସିଷ୍ଟାଣ୍ଟ ପ୍ରଫେସରଙ୍କ ଘରୁ ଚୋରି

ଭୁବନେଶ୍ୱର,୨୯।୧୨(ସୂର୍ଯ୍ୟକାନ୍ତ ବେହେରା)

## ରାଜଧାନୀ ଉପକଣ୍ଠରେ ମାତିଲେ ଚୋର

ରାଜଧାନୀ ଉପକଣ୍ଠ ପୁଣି ଉତ୍ପାତ କଲେ ଚୋର ଗ୍ୟାଙ୍ଗ । ଧଉଳି ଥାନା ଅନ୍ତର୍ଗତ ଶିଶୁପାଳଗଡ଼ ଅନୁ ବିହାରରେ ଦୁଇଟି ସିମ୍ପ୍ଲେକ୍ସରୁ ତାଲା କାଟି ଲୁଟ୍ ଉଦ୍ୟମ କରାଯାଇଥିବାବେଳେ ଗୋଟିଏ ଘରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି ହୋଇଛି। ମିଶନ ଶକ୍ତି କୋଅର୍ଡିନେଟର ଲୋପାମୁଦ୍ରା ମଲ୍ଲିକଙ୍କ ଘରୁ ତାଲା କାଟି ଲୁଟ ଉଦ୍ୟମ ହୋଇଥିବାବେଳେ ଏକ ଘରୋଇ କଲେଜର ଆସିଷ୍ଟାଣ୍ଟ ପ୍ରଫେସର ରିତି ସ୍ନିଗ୍ଧ ଦାସଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି ହୋଇଛି। ଘରେ କେହି ନ ଥିବା ସମୟରେ ଦୁର୍ବୃତ୍ତମାନେ ଏହି କାଣ୍ଡ ଭିଆଇଥିବାବେଳେ ରବିବାର ଘରକୁ ଫେରିଲା ପରେ ଘଟଣା ସଂକ୍ରାନ୍ତରେ ଜାଣି ସେ ଧଉଳି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଯାଞ୍ଚ କରିବା ସହ ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ ନୂଆ ବର୍ଷକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ପକ୍ଷରୁ ରାତି ସାରା ଚେକିଂ ଓ ବ୍ଲକିଂ କରାଯାଉଛି। ସହରର ଗଳିକନ୍ଦିଠାରୁ ଆରମ୍ଭ କରି ଉପକଣ୍ଠ ପର୍ଯ୍ୟନ୍ତ କଡ଼ାକଡ଼ି ପାଟ୍ରୋଲିଂ କରାଯାଉଛି । ଏହାପରେ ବି ଲୁଟେରା ଦଳ ଖୋଲା ଚ୍ୟାଲେଞ୍ଜ ଦେଇ ଗୋଟିଏ ପରେ ଗୋଟିଏ ଘରୁ ଚୋରି କରୁଛନ୍ତି।

# ଝୁମୁକା ଫାଉଣ୍ଡେଶନ ଟ୍ରଷ୍ଟ ଗଠିତ

ଭୁବନେଶ୍ୱର,୨୯।୧୨ (ସୌମ୍ୟରଞ୍ଜନ ରାଉତ) - ସାହିତ୍ୟ ଓ ସଂସ୍କୃତିର ସାମଗ୍ରିକ ବିକାଶ ପାଇଁ 'ଝୁମୁକା ଫାଉଣ୍ଡେଶନ ଟ୍ରଷ୍ଟ' ନୂତନ ଭାବେ ଗଠିତ ହୋଇଛି। ଫାଉଣ୍ଡେଶନର ଅଧ୍ୟକ୍ଷ ଭାବେ ଅବସରପ୍ରାପ୍ତ ପ୍ରଶାସକ ଅଶୋକ କୁମାର ତ୍ରିପାଠୀ ରହିଥିବାବେଳେ ଶିକ୍ଷାବିତ୍ ନରେନ୍ଦ୍ର ପ୍ରସାଦ ଦାସ, ସାହିତ୍ୟିକ ତଥା 'କଥା'ର ସମ୍ପାଦକ ଗୌରହରି ଦାସ, ଆଇନ୍‌ଜୀବୀ ନଟବର ମହାନ୍ତି, ପୂର୍ବତନ ପ୍ରଶାସକ ମହେନ୍ଦ୍ର କୁମାର ମଲ୍ଲିକ, ସୁଜାତା ଦାସ ଓ ମାନସ ରଞ୍ଜନ ମହାପାତ୍ର ଟ୍ରଷ୍ଟି ରହିଛନ୍ତି। ସେହିପରି ଉପଦେଷ୍ଟା ମଣ୍ଡଳୀରେ ପ୍ରଫେସର ରେଖା ଦାସ, ପ୍ରଶାସକ ମନୋରଞ୍ଜନ ପଟ୍ଟନାୟକ, ଡା. ନିତ୍ୟାନନ୍ଦ ସାଇଁ, ପ୍ରଫେସର ସଙ୍ଗୀତା ରଥ, ଡ. ସଂଘମିତ୍ରା ଭଞ୍ଜ ରହିଛନ୍ତି। ଫାଉଣ୍ଡେଶନ ପକ୍ଷରୁ ସୃଜନଶୀଳ ପ୍ରତିଭାଙ୍କୁ ନେଇ ପାଠକଙ୍କ ପାଇଁ ସାଧାରଣ ପଠନ ସାମଗ୍ରୀ ସହ ପିଲାଙ୍କ ପାଇଁ ନାନାଦି ପ୍ରକାଶନ, ପୁସ୍ତକମେଳା, ଆଲୋଚନାଚକ୍ର, ଲେଖିକା ଲେଖକ ଓ ଚିତ୍ରକରଙ୍କ କର୍ମଶାଳା ଓ ତାଲିମ ଆଦି କରାଯାଉଥିବା ଝୁମୁକାର ସମ୍ପାଦକ ତଥା ମ୍ୟାନେଜିଂ ଟ୍ରଷ୍ଟି ମାନସ ରଞ୍ଜନ ସାମଲ ସୂଚନା ଦେଇଛନ୍ତି।

# ଏଟିଏମ୍ ଅଚଳ, ଉପଭୋକ୍ତା ହନ୍ତସନ୍ତ

ପୁରୁଣା ଭୁବନେଶ୍ୱର,୨୯।୧୨(ସୁବାସ ଚନ୍ଦ୍ର ପ୍ରଧାନ)

ହାଟସାହି ସ୍ଥିତ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏଟିଏମ୍ ପ୍ରାୟ ୧୦ମାସ ହେଲାଣି ଅଚଳ ହୋଇ ପଡ଼ିରହିଛି। ଫଳରେ ସ୍ଥାନୀୟ ଲୋକେ ହନ୍ତସନ୍ତ ହେଉଛନ୍ତି। ଗତବର୍ଷ ଫେବୃଆରୀରେ ଲୁଟେରାମାନେ ଏଟିଏମ୍ ଭାଙ୍ଗି ଲକ୍ଷାଧିକ ଟଙ୍କା ଚୋରି କରି ନେଇଥିଲେ। ସେବେଠାରୁ ଏଟିଏମ୍ ଶଟର ବନ୍ଦ ରହିଛି। ଯେଉଁ କାରଣରୁ କେବଳ ସ୍ଥାନୀୟ ଉପଭୋକ୍ତା ନୁହନ୍ତି, ଲିଙ୍ଗରାଜ ମନ୍ଦିରକୁ ବୁଲି ଆସୁଥିବା ବିଦେଶୀ ପର୍ଯ୍ୟଟକ ଏବଂ ବରିଷ୍ଠ ନାଗରିକମାନେ ଏଟିଏମ୍ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ତୁରନ୍ତ ଏଟିଏମ୍ କାର୍ଯ୍ୟକ୍ଷମ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏନେଇ ଶ୍ରୀରାମନଗର ଏସ୍‌ବିଆଇ ବ୍ୟାଙ୍କ ମୁଖ୍ୟ ପ୍ରବନ୍ଧକ ପ୍ରଭାତ ରଞ୍ଜନ ମହାପାତ୍ର କହିଛନ୍ତି, ଲୋକେ ସଚେତନ ହେଲେ ଲୁଟ୍‌ରୁ ଏଟିଏମ୍ କେବଳ ନୁହେଁ ଆମେ ସମେସ୍ତେ ବର୍ତ୍ତିପାରିବା।


କଳାଞ୍ଜଳି ଆର୍ଟିଷ୍ଟି ଟ୍ରଷ୍ଟ ପକ୍ଷରୁ ଉତ୍କଳ ମଣ୍ଡପରେ ଚାଲିଥିବା ଲୋକ ମହୋତ୍ସବ 'କଳାଞ୍ଜଳୀ'ର ରବିବାର ଉଦ୍‌ଯାପନୀ ସନ୍ଧ୍ୟାରେ ରାଜସ୍ଥାନର ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ଫସଲ କ୍ଷୟକ୍ଷତି ବୁଲି ଦେଖିଲେ ସମବାୟ ମନ୍ତ୍ରୀ

ବାଲିପାଟଣା/ ବାଲକାଟୀ,୨୯।୧୨ (ଅଭିମନ୍ୟୁ ନାୟକ/ମନୋଜ ମଣ୍ଡଳ)


ବାଲିଅନ୍ତା ବ୍ଲକ ଅଞ୍ଚଳର କ୍ଷତି ଗ୍ରସ୍ତ ଚାଷୀ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କୁ ନଷ୍ଟ ଧାନ ଫସଲ ଦେଖାଉଛନ୍ତି।

ଲଘୁଚାପଜନିତ ବର୍ଷା ପ୍ରଭାବରେ ଖୋର୍ଦ୍ଧା ଜିଲା ଜୟଦେବ ନିର୍ବାଚନମଣ୍ଡଳୀ ଅଞ୍ଚଳରେ ବ୍ୟାପକ ଧାନଫସଲ ନଷ୍ଟ ହୋଇଛି। ବିଲରେ କଟାହୋଇଥିବା ଧାନ ଗଜା ବାହାରିବା ଆରମ୍ଭ କଲାଣି। ଅଦିନିଆ ବର୍ଷାରେ ସବୁ ଉଜୁଡ଼ି ଯାଉଥିବା ଦେଖି ଋଣ କିପରି ଶୁଝିବେ ଓ ପରିବାରର ଖର୍ଚ୍ଚ କିପରି ତୁଲାଇବେ ଏହି ଚିନ୍ତାରେ ଚାଷୀମାନେ ଭାଙ୍ଗିପଡ଼ିଛନ୍ତି। ଏହି ପରିପ୍ରେକ୍ଷୀରେ ରବିବାର ରାଜ୍ୟ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଜୟଦେବ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳ ଗସ୍ତକରି କ୍ଷତିଗ୍ରସ୍ତ ଚାଷଜମି ବୁଲି ଦେଖିବା ସହ ଚାଷୀଙ୍କୁ ଭେଟିଥିଲେ। ମନ୍ତ୍ରୀ ବାଲିଅନ୍ତା ବ୍ଲକର ପୂରଣପ୍ରଧାନ ପଞ୍ଚାୟତର ଶିଶିଲୋ, ବୋଧଖଣ୍ଡି, ପୁରୋହିତପୁର, ଜିତେନା, ବାରିଜଙ୍ଗ ଅଞ୍ଚଳ ବୁଲି ଫସଲ କ୍ଷୟକ୍ଷତିର ଅନୁଧ୍ୟାନ କରିଥିଲେ। ଏହାପରେ ବାଲିପାଟଣା ବ୍ଲକ ଗସ୍ତକରି ପମ୍ପାଲ ପଞ୍ଚାୟତର ସରାଟ ମୌଜା ଚାଷୀ ଅଶ୍ୱିନୀ କୁମାର ଦାଶଙ୍କ ବିଲରେ ପହଞ୍ଚି ଧାନ ଫସଲ ଦେଖି ଦୁଃଖ ପ୍ରକାଶ କରିଥିଲେ। ଏହି ସମୟରେ ଚାଷୀମାନେ ନଷ୍ଟ ହୋଇଥିବା ଧାନହଳା ଧରି ମନ୍ତ୍ରୀଙ୍କୁ ଦେଖାଇବା ସହିତ ଫସଲ କ୍ଷୟକ୍ଷତି ନେଇ ଦାବି ଜଣାଇଥିଲେ। ତୁରନ୍ତ ଅନ୍‌ଲାଇନରେ ନାମ ପଞ୍ଜୀକରଣ କରିବାକୁ କହିଥିଲେ। ଯେଉଁମାନେ ପ୍ରଧାନମନ୍ତ୍ରୀ ଫସଲ ବୀମାରେ ପଞ୍ଜୀକୃତ କରିଛନ୍ତି, ସେମାନେ ବୀମା ସହାୟତା ପାଇବେ। ଯେଉଁ ଚାଷୀମାନେ ବୀମା ଅନ୍ତର୍ଭୁକ୍ତ ନୁହନ୍ତି, ସେମାନେ ପ୍ରମାଣ ଦର୍ଶାଇଲେ ସହାୟତା ପାଇପାରିବେ। ସୁରକ୍ଷିତ ଫସଲକୁ ମଣ୍ଡିରେ ଦେଇପାରିବେ ବୋଲି କହିଥିଲେ। ଯେଉଁମାନେ ପୋର୍ଟାଲରେ ପଞ୍ଜୀକୃତ କରିନାହାନ୍ତି ରବିବାର ପଞ୍ଜୀକରଣର ଶେଷ ତାରିଖ ହୋଇଥିବାରୁ ତୁରନ୍ତ ସହଜ କେନ୍ଦ୍ର କିମ୍ବା ସ୍ଥାନୀୟ ସମବାୟ ସମିତିରେ ଯୋଗାଯୋଗ କରି ପଞ୍ଜୀକରଣ କରାଇନେବାକୁ ଉପସ୍ଥିତ ଚାଷୀଙ୍କୁ ଜିଲାପାଳ ଚଞ୍ଚଳ ରାଣା କହିଥିଲେ। ଅନ୍ୟପଟେ ପୋର୍ଟାଲ ସର୍ଭର ସ୍ଲୋ ରହୁଥିବାରୁ ପଞ୍ଜୀକରଣ ହୋଇପାରୁନାହିଁ। ତେଣୁ ପଞ୍ଜୀକରଣ ଅବଧି ବଢ଼ାଇବାକୁ ସମବାୟ ସଭାପତି ଭାରତ ଭୂଷଣ ମହାନ୍ତି ଏବଂ ଅଭିମନ୍ୟୁ ନାୟକ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ବାଲିପାଟଣା ତହସିଲଦାର କଳ୍ପନା ଦାସ, ଖୋର୍ଦ୍ଧା ଜିଲା ଉପନିବନ୍ଧକ ଅଳକାନନ୍ଦା ଜେନା, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ସଙ୍ଗଠନ ନେତା ବସନ୍ତ ନାୟକ, ଶିବପ୍ରସାଦ ମଲ୍ଲିକ, ନାରାୟଣ ଖୁଣ୍ଟିଆ, ବିଜୟ ମହାରଣାଙ୍କ ସମେତ ବିଭାଗୀୟ ଅଧିକାରୀ ଏବଂ ଚାଷୀ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## କାର୍ ଧକ୍କାରେ ଜଣେ ମୃତ

ବେଗୁନିଆ,୨୯।୧୨
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥରେ ରବିବାର କାର୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବେଗୁନିଆ ତଳସାହି(ଜଗନ୍ନାଥପୁର)ର ଯୋଗୀନାଥ ଜେନା (୫୪)। ଏନେଇ ବେଗୁନିଆ ଥାନାରେ ଏକ ମାମଲା (ନଂ.୩୯୮/୨୪) ରୁଜୁ ହୋଇଥିବା ବେଳେ ପୋଲିସ ତଦନ୍ତ ଜାରି ରଖିଛି। ସୂଚନା ମୁତାବକ, ରବିବାର ପୂର୍ବାହ୍ନରେ ଯୋଗୀନାଥ କୌଣସି କାର୍ଯ୍ୟରେ ଯାଉଥିଲେ। ଭୁବନେଶ୍ୱର ପଟୁ ନୟାଗଡ଼ ଅଭିମୁଖେ ଯାଉଥିବା ଏକ କାର୍ (ଓଆର ୦୨ଏଟି ୯୦୭୭) ସ୍ଥାନୀୟ ପେଟ୍ରୋଲ ପମ୍ପ ନିକଟରେ ଭାରସାମ୍ୟ ହରାଇ ଯୋଗୀନାଥଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଯୋଗୀନାଥଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ଦୁର୍ଘଟଣା ଘଟାଇଥିବା କାରକୁ ଜବତ କରିଥିବା ବେଳେ ଚାଳକ ଫେରାର ହୋଇଯାଇଛନ୍ତି ବୋଲି ପୋଲିସ କହିଛି।

## ଦୁର୍ଘଟଣା : ତୀର୍ଥଯାତ୍ରୀ ଗୁରୁତର

ଟାଙ୍ଗୀ,୨୯।୧୨(ରଘୁନାଥ ସାହୁ)

୧୬ ନମ୍ବର ଜାତୀୟ ରାଜପଥର ନାରୁଣୀ କଉଡ଼ିଖଣି ଛକ ନିକଟ ହମ୍ପଠାରେ ଏକ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଛି। କାର୍‌ରେ ଥିବା ସମସ୍ତ ଯାତ୍ରୀ ଗୁରୁତର ହୋଇଥିବା ବେଳେ ସେମାନଙ୍କୁ ଟାଙ୍ଗୀ ଏବଂ ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେମାନେ ହେଲେ ବାଣପୁର ଅଞ୍ଚଳର ପ୍ରଭାସ କୁମାର ସାହୁ, ପ୍ରତାପ କୁମାର ଦାଶ, ଅଶୋକ କୁମାର ଦାଶ, ଦୀପ୍ତିମୟୀ ଦାଶ, ରାଜେନ୍ଦ୍ର ପ୍ରସାଦ ଦାଶ ଏବଂ କାର୍ ଚାଳକ ମିର୍ଜା ଅବିନ ଅଲ୍ଲୀ। ନାରୁଣୀ ଥାନା ପୋଲିସ ଓ ଚିଲିକା ଅଗ୍ନିଶମ ବାହିନୀ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ। ପ୍ରକାଶ ଯେ, ଅଯୋଧ୍ୟାରୁ ତୀର୍ଥ ସାରି ଟ୍ରେନ୍‌ରେ ଆସି ଖୋର୍ଦ୍ଧାରୋଡ଼୍‌ରେ ଓହ୍ଲାଇ ଏକ କାର୍ ଯୋଗେ ସମସ୍ତେ ଘରକୁ ଫେରୁଥିଲେ।

## ଇଗଲ କ୍ରିକେଟ କ୍ଲବ ମେଣ୍ଢାଶାଳ ଫାଇନାଲରେ

ବେଗୁନିଆ,୨୯।୧୨
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ କଣ୍ଟାବାଡ଼ସ୍ଥିତ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଅନୁଷ୍ଠିତ ୫ମ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ରବିବାର ଥିଲା ପ୍ରଥମ ସେମିଫାଇନାଲ ମ୍ୟାଚ୍ ଜାକୋବିନ କ୍ରିକେଟ କ୍ଲବ ଚୌଦ୍ୱାର ଏବଂ ମେଣ୍ଢାଶାଳର ଇଗଲ କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ଟସ୍ ଜିତି ଜାକୋବିନ କ୍ରିକେଟ କ୍ଲବ ନିର୍ଦ୍ଧାରିତ ୧୭ ଓଭରରେ ୩ ଉଇକେଟ ବିନିମୟରେ ୨୧୯ ରନ ସଂଗ୍ରହ କରିଥିଲା। ଜବାବରେ ଇଗଲ କ୍ରିକେଟ କ୍ଲବ ୧୭ ଓଭରରେ ୫ ଉଇକେଟ ହରାଇ ବିନିମୟରେ ୨୨୦ରନ ସଂଗ୍ରହ କରି ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ବିଜୟୀ ଟିମ୍‌ର ନଟରାଜ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ରମାକାନ୍ତ ପାତ୍ର ଏବଂ ବିନୟ କୁମାର ପାଇକରାୟ ମ୍ୟାଚ୍ ପରିଚାଳନା କରିଥିଲେ। ଶିଳ୍ପପତି ସୋମନାରାୟଣ ମିଶ୍ର ଏବଂ ଆୟୋଜକ କ୍ଲବର ସଭାପତି ମାନସ ରଞ୍ଜନ ଦାଶ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ପୁରସ୍କାର ପ୍ରଦାନ କରିଥିଲେ।

# ମାଟିରେ ମିଶିଲା ୧୩୦ ଦୋକାନ

**ଉଚ୍ଛେଦ ବେଳେ ପ୍ରଶାସନ-ବ୍ୟବସାୟୀ ମୁହାଁମୁହିଁ**

- ୨ ବ୍ୟବସାୟୀଙ୍କ ଆତ୍ମହତ୍ୟା ଉଦ୍ୟମ
- ୧୦ ଜଣଙ୍କୁ ଉଠାଇନେଲା ପୋଲିସ

ଖୋର୍ଦ୍ଧା,୨୯।୧୨(ପ୍ରଭାତ ପାଣିଗ୍ରାହୀ)


ବ୍ୟବସାୟୀଙ୍କୁ ପୋଲିସ ବୁଝାଶୁଝା କରୁଛି।

ପ୍ରଶାସନ ପକ୍ଷରୁ ଖୋର୍ଦ୍ଧା ସହରରୁ କ୍ୟାବିନ୍ ଏବଂ ଉଠାଦୋକାନ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ରବିବାର ପ୍ରାଥମିକ ପର୍ଯ୍ୟାୟରେ ୧୬୬ ବ୍ୟବସାୟୀଙ୍କୁ ଉଚ୍ଛେଦ ପାଇଁ ପ୍ରଶାସନ ପକ୍ଷରୁ ସ୍ଥିର କରାଯାଇଥିଲା। ତେବେ ହାଇକୋର୍ଟଙ୍କ ରହିତାଦେଶ ରହିଥିବା କ୍ୟାବିନକୁ ବାଦ୍ ଦେଇ ପ୍ରାଥମିକ ପର୍ଯ୍ୟାୟରେ ୮୦ରୁ ଊର୍ଦ୍ଧ୍ୱ କ୍ୟାବିନ, ଉଠାଦୋକାନକୁ ମିଶାଇ ମୋଟ୍ ୧୩୦ ଦୋକାନଗୃହ ଉଚ୍ଛେଦ କରାଯାଇଛି। ସମବାୟ ଛକସ୍ଥିତ ପଞ୍ଚସଖା ଓ ଲକ୍ଷ୍ମୀ ମାର୍କେଟ ପରିବା ବଜାର ବ୍ୟବସାୟୀ ଉଚ୍ଛେଦ ଓ ଥଇଥାନ ପ୍ରକ୍ରିୟାକୁ ବିରୋଧ କରିଥିଲେ। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ହାବେଳି ପଡ଼ିଆ ବ୍ୟତୀତ ଅନ୍ୟ କେଉଁଠି ଥଇଥାନ କରାଗଲେ, ଭିଟାମାଟି ଛାଡ଼ିବୁ ନାହିଁ ବୋଲି ହୋହାଲ୍ଲା କରିଥିଲେ। ଜଣେ ବ୍ୟବସାୟୀ ପେଟ୍ରୋଲ ଢାଳିହୋଇ ଆତ୍ମାହୁତି ଏବଂ ଅନ୍ୟ ଜଣେ ବେକରେ ଛୁରି ଲଗାଇ ଆତ୍ମହତ୍ୟା କରିବାକୁ ଚେତାବନୀ ଦେଇଥିଲେ। ଏନେଇ ବ୍ୟବସାୟୀ ଏବଂ ପ୍ରଶାସନ, ପୋଲିସ ମୁହାଁମୁହିଁ ହୋଇଥିଲେ। ପରେ ପୋଲିସ ଘଟଣାସ୍ଥଳରୁ ପ୍ରାୟ ୧୦ ଜଣଙ୍କୁ ଉଠାଇ ନେଇଥିଲା। ପରେ ଉକ୍ତ ପରିବା ବଜାର ଉଚ୍ଛେଦ ଆରମ୍ଭ ହୋଇଥିଲା। ପରିବା ପାଇଁ ଗହଳି ଲାଗିରହୁଥିବା ବଜାର ମାଟିରେ ମିଶିଯାଇଥିଲା। ଡିଏଫ୍‌ଓ କାର୍ଯ୍ୟାଳୟ ଅପର ପାର୍ଶ୍ୱରେ ପରିବା ଦୋକାନ ଦେଇଥିବା ଜଣେ ଉଠାଦୋକାନୀ ଉଚ୍ଛେଦ ବେଳେ ବିରୋଧ କରିଥିଲେ। ଦୋକାନ ଭିତରୁ ପୋଲିସ ଦୋକାନୀଙ୍କୁ ବାହାରକରି ଉଚ୍ଛେଦ କରିଥିଲା। ଫଳରେ ଦୋକାନରେ ଥିବା ପନିପରିବା ନଷ୍ଟ ହୋଇଯାଇଥିଲା। ରେଡ୍‌କ୍ରସ ପାଣ୍ଠିରୁ ତାଙ୍କୁ ସହାୟତା ଦିଆଯିବ ବୋଲି ତହସିଲଦାର କହିଛନ୍ତି। ପରେ ହାବେଳି ପଡ଼ିଆ ସମ୍ମୁଖ ଅସ୍ଥାୟୀ ପରିବା ଦୋକାନ ଭଙ୍ଗାଯାଇଥିଲା। ଟ୍ରାଫିକ୍ ଛକରେ ଏକ ପରିବା ଦୋକାନକୁ ଉଚ୍ଛେଦ ବେଳେ ଭୁଲକ୍ରମେ ନିକଟରେ ହାଇକୋର୍ଟ ରହିତାଦେଶ ରହିଥିବା ଦୋକାନ ଭାଙ୍ଗିବାକୁ ନେଇ ସେ ଏହାର ବିରୋଧ କରିଥିଲେ। ପରେ ପ୍ରଶାସନ ପକ୍ଷରୁ ଉଚ୍ଛେଦକୁ ବନ୍ଦ ରଖାଯାଇଥିଲା। ତେବେ ଉଚ୍ଛେଦ ପରେ ବ୍ୟବସାୟୀମାନେ ରହିଯାଇଥିବା ସାମଗ୍ରୀ ବାହାର କରିବା ସହ କାନ୍ଦୁଥିବା ଦେଖିବାକୁ ମିଳିଥିଲା। ଅନ୍ୟପଟେ ଉଚ୍ଛେଦ ଚାଲିଥିବା ବେଳେ ଏକ ଷଣ୍ଢ ଭିତରେ ପଶିଯାଇଥିଲା। ଦୌଡ଼ାଦୌଡ଼ି ବେଳେ ପଛପଟୁ ଷଣ୍ଢଟି ବେଗୁନିଆ ଆଇଆଇସିଙ୍କୁ ଟେକି କଚାଡ଼ି ଦେଇଥିଲା। ଫଳରେ ତାଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରାଯାଇଥିଲା।

ପ୍ରଶାସନ ପକ୍ଷରୁ ରବିବାର ସକାଳ ୭ଟାରେ ମାରୱାଡିପଟି ପୁରୁଣା ଆଲ୍ଲାହାବାଦ ବ୍ୟାଙ୍କ ଛକରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସେଠାରେ ଥିବା ୩୪ଟି କ୍ୟାବିନ ନିମିଷେକ ମଧ୍ୟରେ ମାଟିରେ ମିଶିଯାଇଥିଲା। ଟ୍ରାଫିକ୍ ଛକଠାରୁ ସମବାୟ ଛକ ଏବଂ ଥାନା ଓ ଡାକବିଭାଗ ପାର୍ଶ୍ୱରୁ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ଦୋକାନ ଉପରେ ହାଇକୋର୍ଟଙ୍କ ରହିତାଦେଶ ଥିବାରୁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀଙ୍କ ନେତୃତ୍ୱରେ ଖୋର୍ଦ୍ଧା ତହସିଲଦାର ବିଭାସ ପାଣିଗ୍ରାହୀ, ଅତିରିକ୍ତ ତହସିଲଦାର ଡି. ଗୋପାଳ ରେଡ୍ଡୀ, ବେଗୁନିଆ ତହସିଲଦାର ତାପସ କୁମାର ବିଶି, ଖୋର୍ଦ୍ଧା ସହକାରୀ ଜିଲାପାଳ ତଥା ଅତିରିକ୍ତ ତହସିଲଦାର ଅମିର କୁମାର ଦାଶ ପ୍ରମୁଖ ମାଜିଷ୍ଟ୍ରେଟ ଦାୟିତ୍ୱରେ ରହିଥିଲେ। ପୌର ନିର୍ବାହୀ ଅଧିକାରୀ ରିଜୱାନ କଅକବ ରହିଥିଲେ। ଆଇନଶୃଙ୍ଖଳା ଦୃଷ୍ଟିରୁ ଅତିରିକ୍ତ ଏସ୍‌ପି ଶାନ୍ତନୁ ମହାନ୍ତିଙ୍କ ନେତୃତ୍ୱରେ ଜଣେ ଡିଏସ୍‌ପି, ୧୧ଜଣ ଆଇଆଇସି, ଏସ୍‌ଆଇ ଏବଂ ଏଏସ୍‌ଆଇଙ୍କ ସମେତ ୬ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। ଉଚ୍ଛେଦକୁ ସାଧାରଣ ଜନତା ସ୍ୱାଗତ କରିଥିବା ବେଳେ ଟିଏଲ୍‌ସିଠାରେ ନିର୍ମିତ ଭେଣ୍ଡିଂ ଜୋନ୍‌ରେ ବ୍ୟବସାୟୀଙ୍କୁ ଉପଯୁକ୍ତ ଥଇଥାନ ପାଇଁ ବିଭିନ୍ନ ମହଲରେ ଦାବି ହୋଇଛି। ଅନ୍ୟପଟେ ହାବେଳି ପଡ଼ିଆରେ ଦୀର୍ଘ ୨୦ ବର୍ଷ ତଳେ ଥଇଥାନ ପାଇଁ ୩ ହଜାର ଟଙ୍କା ଟୋକନ ଦେଇ ପ୍ରଶାସନ ବ୍ୟବସାୟୀଙ୍କୁ ଲଲିପପ୍ ଧରାଇଦେଲା ବୋଲି ବ୍ୟବସାୟୀମାନେ କହିଛନ୍ତି। ଏ ସମ୍ପର୍କରେ ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ କହିଛନ୍ତି, ପ୍ରାଥମିକ ପର୍ଯ୍ୟାୟରେ ୧୬୬ ପରିବା, ଫଳ ଏବଂ ଅନ୍ୟାନ୍ୟ ବ୍ୟବସାୟୀଙ୍କୁ ଟିଏଲ୍‌ସିଠାରେ ନିର୍ମିତ ଭେଣ୍ଡିଂଜୋନ୍‌ରେ ଥଇଥାନ କରାଯିବ। ଏଥିଲାଗି ସେମାନଙ୍କୁ ଦୋକାନ ଗୃହ ଆବଣ୍ଟନ ମଧ୍ୟ କରାଯାଇଛି। ହାଇକୋର୍ଟଙ୍କ ରହିତାଦେଶକୁ ବାଦ୍ ଦେଲେ ପ୍ରାୟ ୧୩୦ ଦୋକାନୀଙ୍କୁ ଉଚ୍ଛେଦ କରାଯାଇଛି। ଏହି ପ୍ରକ୍ରିୟା ଜାରି ରହିବ। ସହରର ମାଷ୍ଟର ପ୍ଲାନ୍ ପ୍ରସ୍ତୁତ ଚାଲିଛି। ଉଚ୍ଛେଦ ସ୍ଥାନରେ ପାର୍କି କିମ୍ବା ଅନ୍ୟ ବ୍ୟବସ୍ଥା କରାଯିବ।

ପ୍ରକାଶ ଯେ, ଗତ ୬ ତାରିଖରେ ପ୍ରଶାସନ ପକ୍ଷରୁ ଲଟେରି ଉଠାଣକୁ ବ୍ୟବସାୟୀ ମହାସଂଘ ବିରୋଧ କରିଥିବା ବେଳେ ପରବର୍ତ୍ତୀ ସମୟରେ ୬୧ ଜଣ ଲଟେରିରେ ଆବଣ୍ଟିତ ସଂଖ୍ୟା ଅନୁଯାୟୀ ପୌର ପ୍ରଶାସନ ସହ ଚୁକ୍ତିନାମା କରିଥିବା ଜଣାପଡ଼ିଛି। ଏପରିକି ଅନ୍ୟମାନଙ୍କୁ ଆଗାମୀ ସପ୍ତାହକ ମଧ୍ୟରେ ପୌର କାର୍ଯ୍ୟାଳୟଠାରୁ ଆବଣ୍ଟିତ ନମ୍ବର ସଂଗ୍ରହ ପାଇଁ ନୋଟିସ କରାଯାଇଛି। ସେହିପରି ଡିସେମ୍ବର ୧୦ରେ ପ୍ରଶାସନର ଉଚ୍ଛେଦକୁ ବିରୋଧକରି ଶତାଧିକ ବ୍ୟବସାୟୀ ଟ୍ରାଫିକ୍ ଛକରେ ଧାରଣା ଦେଇଥିଲେ। ପରେ ପ୍ରଶାସନ ପକ୍ଷରୁ ୧୫ ତାରିଖ ପର୍ଯ୍ୟନ୍ତ ଉଚ୍ଛେଦକୁ ସ୍ଥଗିତ ରଖାଯାଇଥିବା ବେଳେ ପରବର୍ତ୍ତୀ ସମୟରେ ଖୋର୍ଦ୍ଧା ମହୋତ୍ସବ ଚାଲିଥିବାରୁ ସାମୟିକ ଭାବେ ବନ୍ଦ ରଖାଯାଇଥିଲା। ଉଚ୍ଛେଦ ପ୍ରତିବାଦରେ ବ୍ୟବସାୟୀ ମହାସଂଘ କରିଥିବା ଆବେଦନପତ୍ର(ରିଟ୍ ପିଟିଶନ)କୁ ଗତ ୨୦ ତାରିଖରେ ହାଇକୋର୍ଟ ଜଣିକିଆ ଖଣ୍ଡପୀଠ ଖାରଜ କରିଦେଇଥିଲେ। ତେବେ ବ୍ୟକ୍ତିଗତ ତଥା ପୃଥକ୍ ଭାବେ ବ୍ୟବସାୟୀମାନଙ୍କ ଆବେଦନ ହାଇକୋର୍ଟ ଶୁଣାଣି କରି ୨୦୨୫ ଜାନୁଆରୀ ୩୦ ଏବଂ ଫେବୃଆରୀ ୨୫ ପର୍ଯ୍ୟନ୍ତ ରହିତାଦେଶ ଦେଇଛନ୍ତି।


ଜେସିବିରେ ଦୋକାନ ଘର ଉଚ୍ଛେଦ କରାଯାଉଛି।

## ପଲ୍ଲୀ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣୁଛି ମହୋତ୍ସବ


ବୋଲଗଡ଼ ମହୋତ୍ସବ 'ଆଶା-୨୦୨୪'ର ଚତୁର୍ଥ ସନ୍ଧ୍ୟାରେ ପରିବେଷିତ ପାଇକ ଆଖଡ଼ା।

ବୋଲଗଡ,୨୯।୧୨(ଦେବବ୍ରତ ହୋତା)

ସ୍ଥାନୀୟ ବାମନ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଅନୁଷ୍ଠିତ ବୋଲଗଡ଼ ମହୋତ୍ସବ 'ଆଶା-୨୦୨୪'ର ରବିବାର ଥିଲା ଚତୁର୍ଥ ସନ୍ଧ୍ୟା। ଆୟୋଜିତ ସାଧାରଣ ସଭାରେ କମିଟି ଉପଦେଷ୍ଟା ରବୀନ୍ଦ୍ର ପରିଡ଼ା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ମାନସ ବେହେରା ଯୋଗଦେଇ ପଲ୍ଲୀ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବାରେ ମହୋତ୍ସବ ମଞ୍ଚ ଉତ୍କୃଷ୍ଟ ମାଧ୍ୟମ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ପୀତବାସ ଲେଙ୍କା, ଉମେଶ ମହାପାତ୍ର, ଗଦାଧର ଚମ୍ପତି, ସଞ୍ଜୟ ବେହେରା, ଜୟକୃଷ୍ଣ ଦଳବେହେରା, ପ୍ରଫୁଲ୍ଲ ସିଂ, କାବୁ ଚମ୍ପତିରାୟ, ରାଧାମୋହନ ସାହୁ, ମାନସ ପଟ୍ଟନାୟକ, ବଂଶୀଧର ସାହୁ ଏବଂ ଅଜିତ ପଟ୍ଟନାୟକ ମଞ୍ଚାସୀନ ଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏଥିସହ ବିଭିନ୍ନ କ୍ଷେତ୍ରର ପ୍ରତଭାଧାରୀଙ୍କୁ ସମ୍ମାନିତ କରାଯାଇଥିଲା। ସାଧାରଣ ସମ୍ପାଦକ ବୀର କିଶୋର ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ମନୋଜ ପଣ୍ଡା ଧନ୍ୟବାଦ ଦେଇଥିଲେ ।

## ଭଲିବଲ: ନୂଆପଲ୍ଲୀ ଚାମ୍ପିୟନ

ବୋଲଗଡ଼,୨୯।୧୨(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅଧୀନ ଅସରଳା ଗ୍ରାମରେ ନିର୍ବାଚନମଣ୍ଡଳୀସ୍ତରୀୟ ଏକଦିବସୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। ଅସରଳା ମା' ବିମଳାକ୍ଷୀ ୟୁଥ୍ କ୍ଲବ ଦ୍ୱାରା ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ବୋଲଗଡ଼ ଏବଂ ବେଗୁନିଆ ବ୍ଲକ ଅଞ୍ଚଳର ୮ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ପାଟଣା ଏବଂ ନୂଆପଲ୍ଲୀ ଟିମ୍ ମଧ୍ୟରେ ହୋଇଥିଲା। ୩ ସେଟ୍‌ବିଶିଷ୍ଟ ମ୍ୟାଚ୍‌ରେ ୨-୧ ସେଟ୍ ଜିତି ନୂଆପଲ୍ଲୀ ଟିମ୍ ଚାମ୍ପିୟନ ହୋଇଛି। ସୁଶାନ୍ତ ସାମନ୍ତରାୟ ଏବଂ ଶିବରାମ ମହାପାତ୍ର ମ୍ୟାଚ୍ ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ରାଜକିଶୋର ବେହେରା, ଦିଲୀପ ସାମନ୍ତରାୟ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଏବଂ ରନର୍ସଅପ୍ ଟିମ୍‌କୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରିଥିଲେ। ଆକାଶ ମହାପାତ୍ର, ଦେବାଶିଷ ସାମନ୍ତରାୟ, ରଞ୍ଜନ ସାହୁ, କାହ୍ନା ସାମନ୍ତରାୟ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଆର୍ଯ୍ୟ ସଂସ୍କୃତିର ପୁରାତନ ପରମ୍ପରା ହେଉଛି ଅତିଥି ସତ୍କାର

ବେଗୁନିଆ/ବାଘମାରୀ, ୨୯।୧୨
(ହରପ୍ରସନ୍ନ ପଣ୍ଡା/ ମିହିର ରଞ୍ଜନ ମହାପାତ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ଦିନିଆରୀ ଗ୍ରାମସ୍ଥିତ ନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିର ପରିସରରେ ଶନିବାର 'ଅତିଥି ଦେବୋ ଭବ' ଶୀର୍ଷକ କବିତା ପାଠ ଏବଂ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିଚାଳନା ସମିତି ଆନୁକୂଲ୍ୟରେ ଆୟୋଜିତ ସଭାରେ ଶିକ୍ଷକ ତପନ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ପଣ୍ଡିତ ପୀତବାସ ମିଶ୍ର ମଙ୍ଗଳାଚରଣ ପାଠ କରିବା ପରେ ସଭା ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେବା ସହ ସ୍ୱରଚିତ ଆବାହନୀ ସଙ୍ଗୀତ ଗାନ କରିଥିଲେ। ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ନିରଞ୍ଜନ ସାହୁ ଯୋଗଦେଇଥିଲେ। ବିଶିଷ୍ଟ ରସାୟନବିତ୍ ଡ. ହରିପ୍ରସାଦ ଦାସ ମୁଖ୍ୟବକ୍ତା, ଡା. ଅମରେନ୍ଦ୍ର ନାଥ ମହାପାତ୍ର, ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଭାରତୀୟ ଆର୍ଯ୍ୟ ସଂସ୍କୃତିରେ ଅତିଥିଙ୍କୁ ଈଶ୍ୱର ମଣି ଆଦର ଓ ସତ୍କାରପୂର୍ବକ ଆତିଥ୍ୟ କରିବା ପରମ୍ପରା ବହୁ ପୁରାତନ। ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ ହେଉଛି ବନ୍ଧୁ ସୁଦାମା ଭଗବାନ୍ ଶ୍ରୀକୃଷ୍ଣଙ୍କ ଅତିଥି ସତ୍କାରରୁ ଆଧାର। 'ନବିଦ୍ୟତେ ତିଥିର୍ଯ୍ୟସ୍ୟ ସ ଅତିଥିଃ', ଅର୍ଥାତ୍ ଯାହାଙ୍କ ଆଗମନରେ କୌଣସି ତିଥି, ବାର ଏବଂ ସମୟ ନ ଥାଏ। ତେଣୁ ଭାଗବତରେ କୁହାଯାଇଛି 'ଗୃହେ ଯେ ଅତିଥି ଆଗତ, ତାହାଙ୍କୁ ମଣି ବିଷ୍ଣୁ ମତ'। ଅର୍ଥାତ୍ ଗୃହକୁ ଆସିଥିବା ଅତିଥି ଦେବତା ସମାନ। ତେଣୁ ଗୃହସ୍ଥ ଧର୍ମ ପରିଚର୍ଯ୍ୟାର ପ୍ରମୁଖ ଆଧାର ଥିଲା ବୋଲି ଅତିଥି ସାହୁ ମତବ୍ୟକ୍ତ କରିଥିଲେ। ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନଙ୍କ ସଂଯୋଜନାରେ କବିତା ପାଠରେ ବହୁ କବି, କବିୟତ୍ରୀ, ଗୀତିକାର, ଶିକ୍ଷାବିତ୍ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଗାୟକ ପ୍ରଦୀପ କିଶୋର ତ୍ରିପାଠୀ ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିବା ବେଳେ ସାମାଜିକ କର୍ମୀ ବସନ୍ତ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।



'ଅତିଥି ଦେବୋ ଭବ' ଶୀର୍ଷକ କବିତା ପାଠ ଏବଂ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

## ବାଣପୁରର ଗରିମା ରାଜ୍ୟବାସୀଙ୍କ ପାଇଁ ଗର୍ବ, ଗୌରବ

ଭୁବନେଶ୍ୱର,୨୯।୧୨(ସୁଚିସ୍ମିତା ସାହୁ)

ଚିଲିକା-ବାଣପୁର ଅଞ୍ଚଳର ସମ୍ଭ୍ରାନ୍ତ ଇତିହାସ, ସାହିତ୍ୟ ଓ ସଂସ୍କୃତି ସମଗ୍ର ଓଡିଶା କଳା ସଂସ୍କୃତି, ସାରସ୍ୱତ ସର୍ଜନା ଓ ସାମାଜିକ ଇତିହାସକୁ ସମୃଦ୍ଧ କରିଛି। ଏହି ମାଟିରେ କବି, ଶିଳ୍ପୀ, ବିପ୍ଳବୀ, ନେତା ଓ ସଂଗ୍ରାମୀଙ୍କ ଭଳି ବହୁ ବ୍ୟକ୍ତିତ୍ୱ ଜନ୍ମ ହୋଇଛନ୍ତି। ବାଣପୁର ଅଞ୍ଚଳର ଗରିମା ସମଗ୍ର ରାଜ୍ୟବାସୀଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ଛତିଶଗଡ ଓ ଆନ୍ଧ୍ରପ୍ରଦେଶର ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ କହିଛନ୍ତି। ରବିବାର ସୂଚନାଭବନଠାର ଅନୁଷ୍ଠିତ ମା' ଭଗବତୀ ବିକାଶ ପରିଷଦର ପଞ୍ଚଦଶତମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି। ମୁଖ୍ୟବକ୍ତା ଭାବେ ବିଜୟାନନ୍ଦ ସିଂ ଯୋଗଦେଇ ବାଣପୁର ଜିଲାର ସଫଳ ଇତିହାସକୁ ବିଶ୍ୱ ଇତିହାସର ଆଖ୍ୟା ଦେଇଥିଲେ। ପରିଷଦ ସଭାପତି ପୂର୍ବତନ ମନ୍ତ୍ରୀ ଦେବେନ୍ଦ୍ରନାଥ ମାନସିଂହ ଏଥିରେ ସଭାପତିତ୍ୱ କରିଥିବାବେଳେ ସାଧାରଣ ସମ୍ପାଦକ ସୁବଳ ଚରଣ ଭୋଳ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଡ. ପଙ୍କଜ ପାଳଙ୍କୁ 'ଜଷ୍ଟିସ ଦୀପକ ମିଶ୍ର ସଂସ୍କୃତି ପୁରସ୍କାର' ଦିଆଯାଇଥିଲା। ଡା. ଗୌରଶଙ୍କର ପ୍ରସାଦ ମିଶ୍ର, ଡା. ଧୀରଜ ମହାପାତ୍ର, ଆଇଏଫ୍‌ଏସ୍ ଅଧିକାରୀ ଆଶୁତୋଷ ସାମନ୍ତସିଂହାର, ପୂର୍ବତନ ପ୍ରଧାନ ଶିକ୍ଷକ ସୁବଳ ଚରଣ ଭୋଳ ଓ ଛାତ୍ରୀ ପ୍ରନ୍ତିକା ନନ୍ଦଙ୍କୁ 'ମା ଭଗବତୀ ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ ଶ୍ରୀବତ୍ସ ମାଳୀଙ୍କର 'ସ୍ମୃତି ଝଲକ' ପୁସ୍ତକ ଲୋକାର୍ପଣ ହୋଇଥିଲା। ପ୍ରମୋଦ ଦାଶ, ନୀଳାଦ୍ରି ସ୍ୱାଇଁ ଏବଂ ବିଭୁଭୂଷଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ଶବର କପ୍ ଜିତିଲା ପପୁଲାର କ୍ଲବ ଢେଙ୍କାନାଳ

ଯାଁଳା,୨୯।୧୨(ବୁଲା ବାରିକ)

ସ୍ଥାନୀୟ ରାଧାରମଣପୁର ଖେଳପଡ଼ିଆରେ ଅନୁଷ୍ଠିତ ୨୬ତମ ଶବର କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଢେଙ୍କାନାଳର ପପୁଲାର କ୍ଲବ ଚାମ୍ପିୟନ ହୋଇଛି। ରବିବାର ଫାଇନାଲ ମ୍ୟାଚ୍ ଫ୍ରେଣ୍ଡସ ପାରାଡାଇଜ ଜଟଣୀ ଏବଂ ଢେଙ୍କାନାଳ ପପୁଲାର କ୍ଲବ ମଧ୍ୟରେ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ଦ୍ୱୀତିୟାର୍ଦ୍ଧରେ ପପୁଲାର କ୍ଲବର ଖେଳାଳି ମଣ୍ଟୁ ସ୍ୱାଇଁ ଗୋଟିଏ ଗୋଲ ଦେଇଥିଲେ। ତେବେ ଫ୍ରେଣ୍ଡସ ପାରାଡାଇଜ ଟିମ୍ ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ଗୋଲ ଦେଇ ନ ପାରି ପରାଜିତ ହୋଇଥିଲା। ବିଦେଶୀ ନାୟକ, ସୌକତ ଅହମ୍ମଦ ଖାନ, ଗିରିସ ଜାନି ଏବଂ ଶିଶିର ନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ, ଜଟଣୀ ବ୍ଲକ ଅଧକ୍ଷା ଜୟନ୍ତୀ ଛୋଟରାୟ, ଯାଁଳା ସରପଞ୍ଚ ଶ୍ରଦ୍ଧାଞ୍ଜଳି ବେହେରା, ଅଜିତ ସାମନ୍ତରାୟ, ପ୍ରଦୀପ ପଟ୍ଟନାୟକ, ସୁରେନ୍ଦ୍ର ମହାରଣା ପ୍ରମୁଖ ଯୋଗଦେଇ ଚାମ୍ପିୟନ ଏବଂ ରନର୍ସଅପ୍ ଟିମ୍‌କୁ ପୁରସ୍କାର ପ୍ରଦାନ କରିଥିଲେ।



## ନୂଆଗାଁ ପ୍ରିମିୟର ଲିଗ୍ ଜିତିଲା ୟଙ୍ଗ୍ ଫାଇଟର୍ସ ଇଲେଭେନ୍

ଖୋର୍ଦ୍ଧା,୨୯।୧୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ ଟାଙ୍ଗିଆପଡ଼ା ପଞ୍ଚାୟତ ଅଧୀନ ଉଇଲକିଶନ ନଗର ଗ୍ରାମର ମା' ଅଁଳାଇ ଦେବୀ ପୀଠ ନିକଟ ଖେଳପଡ଼ିଆରେ ଯୁବ ଖେଳାଳି ଜିତେନ୍ଦ୍ର ମହାରଣାଙ୍କ ସ୍ମୃତିରେ ଦ୍ୱିତୀୟ ବାର୍ଷିକ ନୂଆଗାଁ ପ୍ରିମିୟର ଲିଗ୍‌ରେ ୟଙ୍ଗ୍ ଫାଇଟର୍ସ ଇଲେଭେନ୍ ଟିମ୍ ଚାମ୍ପିୟନ ହୋଇଛି। ରବିବାର ଫାଇନାଲ ମ୍ୟାଚ୍ ଅଁଳାଇ ୱାରିୟର୍ସ ଏବଂ ୟଙ୍ଗ୍ ଫାଇଟର୍ସ ଇଲେଭେନ ମଧ୍ୟରେ ହୋଇଥିଲା। ଟସ୍ ଜିତି ଅଁଳାଇ ୱାରିୟର୍ସ ପ୍ରଥମେ ବ୍ୟାଟିଂକରି ୧୪.୧ ଓଭରରେ ସମସ୍ତ ଉଇକେଟ ବିନିମୟରେ ୮୦ ରନ୍ ସଂଗ୍ରହ କରିଥିଲା। ଜବାବରେ ୟଙ୍ଗ ଫାଇଟର୍ସ ୧୧.୨ ଓଭରରେ ୨ ଉଇକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହକରି ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ଅତିଥିମାନେ ଚାମ୍ପିୟନ ଏବଂ ରନର୍ସଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ତେବେ ୬ଟି ମ୍ୟାଚ୍‌ର



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ବିବେଚିତ ବିଷ୍ଣୁ ପ୍ରସାଦ ସାହୁ, ଶିବପ୍ରସାଦ ସେଠୀ, ରିତେଶ ସ୍ୱାଇଁ, ସାଗର ବଳିୟାରସିଂହ, ରାକେଶ ସ୍ୱାଇଁ, ଧର୍ମେନ୍ଦ୍ର ବିଶ୍ୱାଳ ଏବଂ ଫାଇନାଲ ମ୍ୟାଚ୍‌ର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ଦେବାଶିଷ ବିଶ୍ୱାଳ, ମ୍ୟାନ୍ ଅଫ୍ ଦି ସିରିଜ୍ ମହେଶ ସ୍ୱାଇଁ, ବେଷ୍ଟ ବ୍ୟାଟ୍ସମ୍ୟାନ ତୁଷାରକାନ୍ତ ସୁନ୍ଦରାୟ, ବେଷ୍ଟ ବୋଲର ରାଜୀବ ବିଶ୍ୱାଳଙ୍କୁ ମଧ୍ୟ ଟ୍ରଫି ପ୍ରଦାନ କରାଯାଇଥିଲା। ଅତିଥିଭାବେ ସାମାଜିକ କର୍ମୀ ସତ୍ୟନାରାୟଣ ସୁନ୍ଦରାୟ, ଗ୍ରାମ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ସମ୍ପାଦକ ସନାତନ ବିଶ୍ୱାଳ, କ୍ରୀଡ଼ାବିତ୍ ତୁଷାରକାନ୍ତ ବିଶ୍ୱାଳ, ଜାଗେଶ୍ୱର ବିଶ୍ୱାଳ, ହିମାଂଶୁ ସାହାଣୀ, ହିମାଂଶୁ ବରାଳ, ଅଭିମନ୍ୟୁ ସାହୁ, ଗୌରାଙ୍ଗ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଆଲୋକ ଚନ୍ଦ୍ର ପ୍ରଧାନ, ଓମ୍ ପ୍ରକାଶ ପ୍ରଧାନ, ସନ୍ଦୀପ ପ୍ରଧାନ, ଅମିତ୍ ବେହେରା, ଦେବରଞ୍ଜନ ସୁନ୍ଦରାୟ, ରିତେଶ ସାହୁ, କାଶୀନାଥ ପ୍ରଧାନ, ରମେଶ ପ୍ରଧାନ, ଦୀପକ ସୁନ୍ଦରାୟ, ଗୋପାଳକୃଷ୍ଣ ପ୍ରଧାନଙ୍କ ସମେତ ଗ୍ରାମର ସମସ୍ତ ଯୁବବର୍ଗ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

## ଶରଧାପୁର ଫୁଟ୍‌ବଲ କପ୍ | କେରଙ୍ଗ ଅହମ୍ମଦିଆ କ୍ଲବ ଚାମ୍ପିୟନ

ଖୋର୍ଦ୍ଧା,୨୯।୧୨(ପ୍ରଭାତ ପାଣିଗ୍ରାହୀ)

ଶରଧାପୁର ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ଶରଧାପୁର ଫୁଟ୍‌ବଲ କପ୍-୨୦୨୪ରେ କେରଙ୍ଗ ଅହମ୍ମଦିଆ କ୍ଲବ ଚାମ୍ପିୟନ ହୋଇଛି। ରବିବାର ସ୍ଥାନୀୟ ଖେଳପଡ଼ିଆରେ ଫାଇନାଲ ମ୍ୟାଚ୍ କେରଙ୍ଗ ଅହମ୍ମଦିଆ କ୍ଲବ ଏବଂ ଇଟାମାଟି କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ୪-୧ ଗୋଲରେ କେରଙ୍ଗ ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ପ୍ରଫୁଲ୍ଲ ବେହେରା ମ୍ୟାଚ୍ ପରିଚାଳନା କରିଥିବା ବେଳେ ଆର୍.ସିଏଚ୍ ପାଇକରାୟ, ପ୍ରଶାନ୍ତ ପରିଡ଼ା ଏବଂ ମକବଲ ଅହେମ୍ମଦ ସହଯୋଗ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଏବଂ ରନର୍ସଅପ୍ ଟିମ୍‌କୁ ଟ୍ରଫି ସହ ଅର୍ଥରାଶି ଯଥାକ୍ରମେ ୭ ହଜାର ଓ ୫ ହଜାର ଟଙ୍କା ପ୍ରଦାନ କରିଥିଲେ। କେରଙ୍ଗ ଟିମ୍‌ର ବାସିର ଅହମ୍ମଦ ଶ୍ରେଷ୍ଠ ଡିଫେଣ୍ଡ୍, ବାବୁ ସାନ ଓ ସୋନୁ ଶ୍ରେଷ୍ଠ ସ୍କୋରର ଏବଂ ଇଟାମାଟି ଟିମ୍‌ର ରିୟାଜ୍ ଶ୍ରେଷ୍ଠ ଫରୱାର୍ଡ ଖେଳାଳିଭାବେ ପୁରସ୍କୃତ ହୋଇଥିଲେ। ଆୟୋଜକ ସଭାପତି ଏମ୍‌ଡି. ଜାମିଲୁର ରେହମାନ, ଉପସଭାପତି ଦେବରାଜ ବାରିକ, ଏମ୍‌ଡି. ୟାକୁବ୍, ମୀନକେତନ ବଡ଼ଜେନା, ଦୁଃଖିଶ୍ୟାମ ବେହେରା, ଅସଲମ୍ ଖାନ୍, ଲକ୍ଷ୍ମୀଧର ବଡ଼ଜେନା, ବନମାଳୀ ବେହେରା, ଜାପାନୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ଏସ୍.ଇ ହୁଦା ପରିଚାଳନା କରିଥିଲେ।



**ଟ୍ରକ ଧକ୍କାରେ ବାଇକ୍ ଆରୋହୀ ମୃତ**

କଟକ ସଦର,(ସୁଶାନ୍ତ କୁମାର ଜେନା)- କଟକ-ପାରାଦୀପ ରାସ୍ତାର ନାହାଭଙ୍ଗା ନିକଟରେ ରବିବାର ସଡ଼କ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ ପୁରୀ ଜିଲା ଗଡ଼ିଶାଗଡା ଅଞ୍ଚଳର ଜଗନ୍ନାଥ ବେହେରା। ବାଇକ୍ ଆରୋହୀ ଜଣଙ୍କ ପାରାଦୀପ ଆଡ଼େ ଯାଉଥିବା ବେଳେ ଏକ ଟ୍ରକ ପଛପଟୁ ଧକ୍କା ଦେଇଥିଲା। ଜଗନ୍ନାଥ ତଳେ ପଡ଼ିଯିବାରୁ ଟ୍ରକଟି ତାଙ୍କ ମୁଣ୍ଡ ଉପରେ ଚଢ଼ି ଯାଇଥିଲା। ଫଳରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି।




୨୯।୧୨।୨୦୨୪

| | |
|---|---|
| ୭,୯୨,୬୨୪ ଟଙ୍କା | |
| ସୁନା | ୦.୫୦୦ ଗ୍ରାମ୍ |
| ରୁପା | ୧୭୫.୭୫୦ ଗ୍ରାମ୍ |

# ଅଭିଯୁକ୍ତଙ୍କୁ ଦଣ୍ଡ ଦାବିରେ ରାସ୍ତାରୋକୋ

ପୁରୀ,୨୯।୧୨(ଅଜିତ୍ କୁମାର ମହାନ୍ତି)

ପୁରୀ-କୋଣାର୍କ ରାସ୍ତାରେ ଏକ ଅଭାବନୀୟ ଘଟଣା ଘଟିଛି। ଟ୍ରକ୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ କେତେଜଣ ଆହତ ହୋଇଛନ୍ତି। ତେବେ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରାଯିବା ସହ ଡ୍ରାଇଭରଙ୍କୁ ଗିରଫ ଓ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ରବିବାର ଗ୍ରାମବାସୀ ରାସ୍ତାରୋକୋ କରିଥିଲେ।

ସୂଚନା ଅନୁଯାୟୀ, ରବିବାର ପୂର୍ବାହ୍ନରେ ରାମଚଣ୍ଡୀ ଥାନା ଦୁବୁତରା ଗ୍ରାମର ପ୍ରଶାନ୍ତ ପାଣି (୨୪) ବାଇକ୍ ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ପେଣ୍ଠକଟା ମେରାଇନ ଥାନା ନିକଟରେ ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ପ୍ରଶାନ୍ତ ତଳେ ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପୁରୀ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।


ରାସ୍ତାରୋକୋ ଯୋଗୁ ଭିଡ଼ ।

ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପରେ ପ୍ରଶାନ୍ତଙ୍କ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଥିଲା। ଏ ନେଇ ପୋଲିସ ପକ୍ଷରୁ ୧୧୭/୨୪ରେ ଏକ ମାମଲା ରୁଜୁ କରାଯାଇଛି।

ଅପରପକ୍ଷରେ ଘଟଣା ଘଟାଇଥିବା ଟ୍ରକ୍ ଜବତ ଏବଂ ଡ୍ରାଇଭରଙ୍କୁ ଗିରଫ ସହ ମୃତକଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ଦାବିରେ ଗ୍ରାମବାସୀ ରାସ୍ତାରୋକୋ କରିଥିଲେ। ସିସିଟିଭିରେ ଦୁର୍ଘଟଣାର ଦୃଶ୍ୟ ନ ଥିବା ଓ କେଉଁ ଟ୍ରକ ଦୁର୍ଘଟଣା ଘଟାଇଛି ତାହାର କୌଣସି ସୂଚନା ନ

### ପ୍ରତିଶ୍ରୁତି ପରେ ହଟିଲା

ଥିବା ପୋଲିସ ପକ୍ଷରୁ କୁହାଯାଇଥିଲା। କିନ୍ତୁ ଗ୍ରାମବାସୀ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଅଡ଼ି ବସିଥିଲେ। ପୋଲିସ ପକ୍ଷରୁ ସହଯୋଗ କରାଯାଉ ନ ଥିବା ଅଭିଯୋଗ କରି ଗ୍ରାମବାସୀ ଓ ମୃତକଙ୍କ ପରିବାର ଲୋକେ ରାସ୍ତାରୋକୋ କରିଥିଲେ। ଫଳରେ ପୁରୀ-କୋଣାର୍କ ସହ ମାଳତୀପାଟପୁର ରାସ୍ତାରେ ୪ ଘଣ୍ଟା ଯାତାୟାତ ଠପ୍ ହୋଇଥିଲା। ଖବରପାଇ ଉପଜିଲାପାଳ ରାଜକିଶୋର ଜେନା, ଏସ୍‌ପି ବିନୀତ୍ ଅଗ୍ରୱାଲ ଏବଂ ଅତିରିକ୍ତ ଏସ୍‌ପି ଶୁଶୀଲ କୁମାର ମିଶ୍ର, ପୋଲିସ ଅଧିକାରୀମାନେ ଘଟଣାସ୍ଥଳକୁ ଯାଇ ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ମୃତକଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକୋ ହଟିଥିଲା।

# ଜାନୁଆରୀ ୩ରୁ ୨୯ତମ ଶ୍ରୀକ୍ଷେତ୍ର ପୁସ୍ତକମେଳା

ପୁରୀ,୨୯।୧୨(ଅଜିତ୍ କୁମାର ମହାନ୍ତି)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଶ୍ରୀକ୍ଷେତ୍ର ପୁସ୍ତକମେଳା କମିଟିର ମିଳିତ ସହଯୋଗରେ ଆସନ୍ତା ଜାନୁଆରୀ ୩ରୁ ଶରଧାବାଲିରେ ୧୦ଦିନ ବ୍ୟାପୀ ୨୯ତମ ଶ୍ରୀକ୍ଷେତ୍ର ପୁସ୍ତକମେଳା ଆରମ୍ଭ ହେବ। ପ୍ରତିଦିନ ଅପରାହ୍ନ ୨ଟାରୁ ରାତି ୯ଟା ପର୍ଯ୍ୟନ୍ତ ପୁସ୍ତକମେଳା ଖୋଲାରହିବ। ଏଥିରେ ଓଡ଼ିଶା ସମେତ ଦିଲ୍ଲୀରୁ ୫୦ରୁ ଊର୍ଦ୍ଧ୍ୱ ପ୍ରକାଶକ ଯୋଗଦେବେ। ୧୪୦ରୁ ଊର୍ଦ୍ଧ୍ୱ ଷ୍ଟଲ୍ ଖୋଲିବ। ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ, ନୃତ୍ୟ, ଭକ୍ତିସଙ୍ଗୀତ, ସାହିତ୍ୟ ଆସର ଓ ଆଲୋଚନାଚକ୍ର ଆୟୋଜନ କରାଯିବ। ଉଦ୍‌ଯାପନୀ ସନ୍ଧ୍ୟାରେ ୨୦୨୫ ବର୍ଷ ପାଇଁ ଗବେଷଣା କ୍ଷେତ୍ରରେ ଗବେଷକ ଡ. ସୁରେନ୍ଦ୍ର କୁମାର ମିଶ୍ର, ସାହିତ୍ୟ କ୍ଷେତ୍ରରେ ଶଙ୍କର ତ୍ରିପାଠୀ ଓ ପ୍ରକାଶନ କ୍ଷେତ୍ରରେ ବିଜୟିନୀ ପବ୍ଲିକେଶନଙ୍କୁ ପୁସ୍ତକମେଳା ସମ୍ମାନ ଦିଆଯିବ। ଏଥିସହ ଗବେଷଣା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବୈଷ୍ଣବ ଚରଣ ସାମଲଙ୍କୁ ଶ୍ରୀକ୍ଷେତ୍ର ପୁସ୍ତକମେଳା କମିଟି ପକ୍ଷରୁ ରାଜ୍ୟସ୍ତରୀୟ ସମ୍ମାନ

### ବୈଷ୍ଣବ ଚରଣ ସାମଲ ପାଇବେ ରାଜ୍ୟସ୍ତରୀୟ ସମ୍ମାନ

ପ୍ରଦାନ କରାଯିବ। ବିଶିଷ୍ଟ ପ୍ରାବନ୍ଧିକ ତଥା ଅନୁଷ୍ଠାନର କୋଷାଧ୍ୟକ୍ଷ ଅଧ୍ୟାପକ ସୁନୀଲ କୁମାର ରଥଙ୍କ ସ୍ମୃତିରେ ଚଳିତବର୍ଷ ପ୍ରାବନ୍ଧିକ ଅଧ୍ୟାପକ ମୃତ୍ୟୁଞ୍ଜୟ ରଥଙ୍କୁ ସୁନୀଲ ରଥ ସ୍ମୃତି ସମ୍ମାନ-୨୦୨୪ରେ ସମ୍ମାନିତ କରାଯିବ ବୋଲି ରବିବାର ଶ୍ରୀକ୍ଷେତ୍ର ପୁସ୍ତକମେଳା କମିଟି ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ସମ୍ମିଳନୀରେ କମିଟି ଉପଦେଷ୍ଟା ପୁଷ୍କର ମହାପାତ୍ର, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ବଦ୍ରି ମିଶ୍ର, ସଭାପତି ଡ. କୈଳାସ ଚନ୍ଦ୍ର ଟିକାୟତରାୟ, କାର୍ଯ୍ୟକାରୀ ସଭାପତି ଅନାମ ଚନ୍ଦ୍ର ସାହୁ, ସମ୍ପାଦକ ଚକ୍ରଧର ମହାପାତ୍ର, ସଂଗଠନ ସମ୍ପାଦକ ପ୍ରସନ୍ନ କୁମାର ମିଶ୍ର, କାର୍ଯ୍ୟାଳୟ ସମ୍ପାଦକ ସ୍ୱାଧୀନ କୁମାର ପଣ୍ଡା, କାର୍ଯ୍ୟକାରୀ କମିଟି ସଦସ୍ୟ ଶ୍ରୀକାନ୍ତ ମହାନ୍ତି, ବୀରେନ୍ଦ୍ର ମହାନ୍ତି, ବିପିନ ବିହାରୀ ଦଳାଇ, ସୁକାନ୍ତ ପଣ୍ଡା, ଶ୍ୟାମପ୍ରକାଶ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଫାଇନାଲରେ ବଳଙ୍ଗା ଲଙ୍କେଶ୍ୱରୀ ସ୍ପୋର୍ଟସ୍ କ୍ଲବ

୨୩ତମ ରାଜ୍ୟସ୍ତରୀୟ ଲଙ୍କେଶ୍ୱରୀ ଫୁଟବଲ ଟୁର୍ଣ୍ଣାମେଣ୍ଟ

ବଳଙ୍ଗା,୨୯।୧୨(କେଦାରେଶ୍ୱର ନନ୍ଦ)

ବଳଙ୍ଗା ମିନିଷ୍ଟାଡିୟମରେ ଲଙ୍କେଶ୍ୱରୀ ଫୁଟବଲ କ୍ଲବ ପକ୍ଷରୁ ୨୩ତମ ରାଜ୍ୟସ୍ତରୀୟ ଲଙ୍କେଶ୍ୱରୀ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଆୟୋଜନ ହେଉଛି। ରବିବାର ବଜରଙ୍ଗୀ କ୍ଲବ ଭୁବନେଶ୍ୱର ଓ ଲଙ୍କେଶ୍ୱରୀ ସ୍ପୋର୍ଟସ କ୍ଲବ ବଳଙ୍ଗା ମଧ୍ୟରେ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲଙ୍କେଶ୍ୱରୀ ସ୍ପୋର୍ଟସ କ୍ଲବ ୨-୦ ଗୋଲରେ ବଜରଙ୍ଗୀ କ୍ଲବକୁ ହରାଇ ଫାଇନାଲରେ ପ୍ରବେଶ କରିଛି। କ୍ଲବର ସଭାପତି କୃପାସିନ୍ଧୁ ଦଉଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜେଡି ନେତା ଦିଲ୍ଲୀପ କୁମାର ନାୟକ, ଚିନ୍ତାମଣି ବରାଳ, ସନ୍ତୋଷ ବେହେରା ପ୍ରମୁଖ ଯୋଗଦେଇ ଥିଲେ। ମ୍ୟାଚ ରେଫରି ସୁଦୀପ ଦାସ, ପ୍ରିୟବ୍ରତ ବାହିନୀପତି, ଶରତ ବିଶ୍ୱାଳ, ତୋଫାନ ପ୍ରଧାନ ଓ ରଜନୀକାନ୍ତ ଶତପଥୀ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ସୋମବାର ଲଙ୍କେଶ୍ୱରୀ ସ୍ପୋର୍ଟସ୍ କ୍ଲବ ସହ ୟୁନାଇଟେଡ୍ ଗଣ୍ଡରପୁର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।

### ୨ ମହିଳାଙ୍କଠୁ ଚେନ୍ ଛିଣ୍ଡାଇ ନେଲେ ଲୁଟେରା

କାକଟପୁର/ ଅସ୍ତରଙ୍ଗ,୨୯।୧୨
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ନିକଟସ୍ଥ ଜିଓଳ ଗ୍ରାମରେ ଶନିବାର ମଧ୍ୟାହ୍ନରେ ଇତିଶ୍ରୀ ମହାନ୍ତି ଦୁଆର ମୁହଁରେ ଛିଡ଼ା ହୋଇଥିବା ବେଳେ ୨ଜଣ ଯୁବକ ଆସି ପିଙ୍କୁ ପ୍ରଧାନଙ୍କ ଘର କେଉଁଠି ବୋଲି ପଚାରିଥିଲେ। ଏହି ସମୟରେ ତାଙ୍କ ବେକରୁ ୧୨ଗ୍ରାମ୍‌ର ସୁନା ଚେନ ଛିଣ୍ଡାଇ ନେଇଥିଲେ। ଏନେଇ ଇତିଶ୍ରୀ କାକଟପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ଏଏସ୍‌ଆଇ ମନୋରଞ୍ଜନ ପରିଡ଼ା ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଥାନା କେସ ନଂ. ୨୬୧/୨୪ରେ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି। ସେହିପରି କାକଟପୁର ଥାନା ନିକଟସ୍ଥ ହାରାମଣି ଦେଇ ଶନିବାର ମଧ୍ୟାହ୍ନରେ ଖୁଡ଼ୀ ଶାଶୁଙ୍କ ସହ ଦୁଆର ମୁହଁରେ ବସି କଥାବାର୍ତ୍ତା ହେଉଥିବା ବେଳେ ୨ଜଣ ଯୁବକ ଆସି ଚେନ୍ ଛିଣ୍ଡାଇ ନେଇଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ଥାନା କେସ ନଂ. ୨୬୦/୨୪ରେମାମଲାରୁଜୁକରାଯାଇଛି।

# ବାନରସେନା ପକ୍ଷରୁ ସାରସ୍ୱତ ସମାରୋହ



ସମ୍ବର୍ଦ୍ଧିତ ପ୍ରତିଭାଙ୍କ ସହ ଅତିଥିମାନେ ।

କୋଣାର୍କ,୨୯।୧୨(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଯାତ୍ରୀନିବାସ ସମ୍ମେଳନ କକ୍ଷରେ ପିଲାଙ୍କ ଖବରକାଗଜ 'ବାନରସେନା' ପକ୍ଷରୁ ୩୭ତମ ସାରସ୍ୱତ ସମାରୋହ ଅବସରରେ ବାନରସେନା ଖବରକାଗଜ ଉନ୍ମୋଚନ, ଶିଶୁ କବିତା ପାଠୋତ୍ସବ, ଶିଶୁ ଚିତ୍ରକଳା ପ୍ରଦର୍ଶନୀ ଓ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାନରସେନା ସମ୍ପାଦକ ତଥା ଶିକ୍ଷାବିତ୍ ପ୍ରକାଶ ଚନ୍ଦ୍ର ଖଟୋଇ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ ସରୋଜ କୁମାର ସାମଲ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରି କହିଥିଲେ, ଶିଶୁଙ୍କ ବୌଦ୍ଧିକ ଓ ଅନ୍ତର୍ନିହିତ ଗୁଣାବଳୀର ବିକାଶ ପାଇଁ ନିରବଚ୍ଛିନ୍ନ ଭାବେ ବାନରସେନା କାର୍ଯ୍ୟ କରି ସମାଜରେ ପ୍ରତିଷ୍ଠିତ ହୋଇପାରିଛି। ଜୀବନକୁ ଭଲ ପାଇ ଜାଣିଲେ ଜଣେ ସାଧକ ହୋଇ ଚିନ୍ତା ଚେତନା ଓ ସୃଜନଶୀଳ କାବ୍ୟ, କବିତା ମାଧ୍ୟମରେ ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା ଦିଗରେ ନିଜକୁ ନିୟୋଜିତ କରିପାରେ ବୋଲି ସାମଲ କହିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ଖଣି ନିଗମର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅଶୋକ କୁମାର ବେହେରା, ଭୁବନେଶ୍ୱରସ୍ଥିତ କିଟ୍ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ମିଶ୍ର, କିଟ୍ ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରକ୍ଷକ ନାୟକ, ଶ୍ରୀସାହିତ୍ୟର ସମ୍ପାଦକ ତଥା ସାମ୍ବାଦିକ ଶ୍ରୀକୃଷ୍ଣ ନାୟକ, କବି ଡ. ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ଶିଶୁ ସାହିତ୍ୟିକ ଅନ୍ତର୍ଯାମୀ ପ୍ରଧାନ, ଶିକ୍ଷାବିତ୍ ହରିହର ସାହୁ ପ୍ରମୁଖ ଯୋଗଦେଇ ଶିଶୁଙ୍କ ପ୍ରତିଭାର ବିକାଶ ଓ ସମାଜରେ ସେମାନଙ୍କ ପରିଚୟ ସୃଷ୍ଟି ଦିଗରେ ବାନରସେନାର ଉଦ୍ୟମକୁ ପ୍ରଶଂସା କରିଥିଲେ। ପତ୍ରିକାର ସହସମ୍ପାଦିକା ସ୍ନେହଲତା ପରିଡା ପତ୍ରିକାର ଦୀର୍ଘ ୩୭ ବର୍ଷର ସଫଳତା ଉପରେ ଆଲୋକପାତ କରିଥିଲେ। କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି କାର୍ଯ୍ୟକ୍ରମ ସଂଯୋଜନା ଓ ଅତିଥି ପରିଚୟ ପ୍ରଦାନ ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପରିପ୍ରେକ୍ଷୀରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, କବି ଉମାକାନ୍ତ ମହାପାତ୍ର, ରେଡିଓ ନମସ୍କାରର ଅଧ୍ୟକ୍ଷ ଏନ୍.ଏ. ଶାହ ଅନ୍‌ସାରୀ, ପ୍ରଯୋଜକ ରବୀନ୍ଦ୍ର ନାଥ ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ ପ୍ରତାପ କୁମାର ରାଉତ ଓ କବୟିତ୍ରୀ ସୁଜାତା ସ୍ନିହା ସଂଯୋଜନା କରିଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ୟକ୍ତିବିଶେଷ ଓ ଶିଶୁ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଞ୍ଜୟ ବରାଳ, ସ୍ୱର୍ଣ୍ଣଲତା ତ୍ରିପାଠୀ, ଚିତ୍ତରଞ୍ଜନ ବିଶ୍ୱାଳ, କାମଦେବ ବିଶ୍ୱାଳ, ରମେଶ ଚନ୍ଦ୍ର ନାୟକଙ୍କ ସମେତ ବାନରସେନା ପରିବାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଟୁରିଷ୍ଟ ବସ ଡ୍ରାଇଭରଙ୍କୁ ମରଣାନ୍ତକ ଆକ୍ରମଣ

ନିମାପଡା,୨୯।୧୨(ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ଥାନା ଅଧୀନ ଓଳିକଣା ଛକ ନିକଟରେ ୩ ଦୁର୍ବୃତ୍ତ ଟୁରିଷ୍ଟ ବସକୁ ଅଟକାଇ ଡ୍ରାଇଭରଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ଘଟଣା ସମ୍ପର୍କରେ ନିମାପଡ଼ା ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ରବିବାର ମଧ୍ୟାହ୍ନରେ ଟୁରିଷ୍ଟ ବସ୍ ଚକାନୟନ କୋଣାର୍କରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲା। ଓଳିକଣା ଛକ ନିକଟରେ ୩ ଦୁର୍ବୃତ୍ତ ବସ୍‌କୁ ଅଟକାଇଥିଲେ। ବସ୍ ଡ୍ରାଇଭର ସୁବାସ କୁମାର ସ୍ୱାଇଁ କାହିଁକି ଅଟକାଇଲ ବୋଲି ପଚାରିବାରୁ ସେମାନେ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ଭିଡ଼ ଜମାଇବାରୁ ଆକ୍ରମଣକାରୀମାନେ ବସ୍‌ର ଚାବିନେଇ ଫେରାର ହୋଇଯାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ରିପୋର୍ଟ ଲେଖା ହେବା ବେଳକୁ ଅଭିଯୋଗ ମୁତାବକ ଥାନାରେ ମାମଲା ରୁଜୁ ହୋଇ ନ ଥିଲା।

### ୪୧ ବର୍ଷ ପରେ ଏକାଠି ହୋଇ ସେବା କରିବାର ଶପଥ କଲେ ଛାତ୍ର

ଗୋପ,୨୯।୧୨(ଭାରତୀ ଭୂଷଣ ଉପାଧ୍ୟାୟ)

ଦୀର୍ଘ ୪୧ ବର୍ଷ ପରେ ଏକାଠି ହୋଇ ସମାଜର ସମସ୍ତ ସେବା କରିବା ସହିତ ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ, ରକ୍ତଦାନ, ବନ୍ୟା, ବାତ୍ୟା ସମୟରେ ବିପନ୍ନଙ୍କ ନିକଟରେ ପହଞ୍ଚିବା ଲାଗି ରବିବାର ଗୋପ ସନ୍ନିକଟ ମା' ଜାଗୁଲାଇ ପୀଠରେ ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲର ୧୯୮୩ ମସିହାର ଛାତ୍ରମାନେ ଶପଥ ନେଇଥିବା ଜଣାପଡ଼ିଛି। ରବିବାର ଏହି ବ୍ୟାଚର ଶତାଧିକ ଛାତ୍ର ଗୋପ ବେଗୁନିଆ ନିକଟ ଜାଗୁଲାଇ ପୀଠରେ ଏକାଠି ହୋଇଥିଲେ। ଲିଙ୍ଗରାଜ ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କୃପାସିନ୍ଧୁ ବିଶ୍ୱାଳ, ପବିତ୍ର ମୋହନ ଦାସ, ଅବଦୁଲ ଶାହା, ନିର୍ମଳ ସେନାପତି, ଜମ୍ବୁ ଭୋଇ, ଶିବବ୍ରତ ଗୁରୁ, କର୍ଣ୍ଣ ଭୋଳଙ୍କ ସମେତ ଶତାଧିକ ଛାତ୍ର ଯୋଗ ଦେଇଥିଲେ।

# ଚାରାରୋପଣ ପାଇଁ ସଚେତନତା ସୃଷ୍ଟି

ସାକ୍ଷୀଗୋପାଳ,୨୯।୧୨(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ଭୁବନେଶ୍ୱରର ବ୍ରହ୍ମଚେତନା ପରିଷଦ ପକ୍ଷରୁ ସତ୍ୟବାଦୀର ବଳପୁର ଗ୍ରାମରେ ଶ୍ରୀ ଶ୍ରୀ ହରିସହଦେବ ମନ୍ଦିର ପ୍ରାଙ୍ଗଣରେ ରବିବାର ପୂର୍ବାହ୍ନରେ ଚାରାରୋପଣ ଉପରେ ଏକ ଆଲୋଚନାଚକ୍ର ଓ ସଚେତନତା କାର୍ଯ୍ୟକ୍ରମ ସୃଷ୍ଟି ହୋଇଯାଇଛି। ପରିଷଦର ସମ୍ପାଦକ ସୁକାନ୍ତ ଚନ୍ଦ୍ର ନନ୍ଦ କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ଲକ୍ଷ୍ୟ ଉପରେ ମତ ରଖିଥିଲେ। ଖାଲି ପଡ଼ିଥିବା ଜଙ୍ଗଲ ଜମିରେ କିଭଳି ନୂତନ ବୃକ୍ଷ ରୋପଣ କରିବା ସହ ବନ୍ୟଜନ୍ତୁଙ୍କ ସୁରକ୍ଷା ଉପରେ ସଭାପତି ପ୍ରଦୀପ ମିଶ୍ର ଆଲୋଚନା କରିଥିଲେ। ଏହି ଅବସରରେ ମନ୍ଦିର ଚତୁଃପାର୍ଶ୍ୱରେ ବିଭିନ୍ନ ଔଷଧୀୟ ବୃକ୍ଷ ଲିମ୍ବ, ବେଲ, ବଉଳ ଆଦି ବୃକ୍ଷ ରୋପଣ କରାଯାଇଥିଲା। ଗ୍ରାମ ପୁଷ୍କରିଣୀ ସଦାସର୍ବଦା ପରିଷ୍କାର ରଖିବା ନିମନ୍ତେ ନିକଟସ୍ଥ ପୋଖରୀରୁ ପରିଷଦର କର୍ମକର୍ତ୍ତା ଦଳ କାଢ଼ି ପରିଷ୍କାର କରିଥିଲେ। କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ୫୦ରୁ ଊର୍ଦ୍ଧ୍ୱ ପରିବେଶବିତ୍ ଯୋଗ ଦେଇଥିଲେ। ନିରନ୍ତର ପରିଶ୍ରମ କରି ଜଙ୍ଗଲ ସୃଷ୍ଟି କରୁଥିବା ବଳପୁର ପଞ୍ଚାୟତର ବୃକ୍ଷପ୍ରେମୀ ସତ୍ୟନାରାୟଣ ସାହୁ ଓ ଗୋବିନ୍ଦ ମହାପାତ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ଉପଢୌକନ ଦିଆଯାଇ ଉତ୍ସାହିତ କରାଯାଇଥିଲା। ପରିଷଦର କୋଷାଧ୍ୟକ୍ଷ ହୃଷୀକେଶ ନନ୍ଦ, ସଦସ୍ୟ ଭାସ୍କର ଦାସ, ବିଶ୍ୱନାଥ ପ୍ରଧାନ, ଅଶୋକ ଅଗ୍ରୱାଲ, ଶିବପ୍ରସାଦ ପଣ୍ଡାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଶ୍ରୀକ୍ଷେତ୍ର ଫିଜିଓ ମନ୍ଥନ କାର୍ଯ୍ୟକ୍ରମ

ପୁରୀ,୨୯।୧୨(ଅଜିତ୍ କୁମାର ମହାନ୍ତି)

ହେଲ୍‌ଥ ଆଣ୍ଡ ହାରମୋନି ଓ ଦି ଇଣ୍ଡିଆନ ଆସୋସିଏଶନ ଅଫ୍ ଫିଜିଓ ଥେରାପିଷ୍ଟ ପକ୍ଷରୁ ଭାରତ ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ସହଯୋଗରେ 'ଶ୍ରୀକ୍ଷେତ୍ର ଫିଜିଓ ମନ୍ଥନ ୨୦୨୪' ପୁରୀ ବେଳାଭୂମିରେ ଏମ୍‌ଏସ୍‌ଏମ୍‌ଇ ଟ୍ରେଡ ଫେୟାର ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ଚିକିତ୍ସା ବିଭାଗରୁ ବିଶେଷଜ୍ଞଙ୍କୁ ଏକାଠିକରି ନିଜର ଅନୁଭବ ଓ ଅଭିଜ୍ଞତା ଆଦାନପ୍ରଦାନ କରିବାକୁ ରୋଗୀଙ୍କ ସୁଫଳ ଉପଚାର ଉପରେ ଅଧିକ ଗୁରୁତ୍ୱ ଦେବା ପାଇଁ ଏହି ସମ୍ମିଳନୀ ଏକ ସୁଯୋଗ ଆଣିଦେବ ଏବଂ ଏମ୍‌ପିଙ୍କ ପାଣ୍ଠିରୁ ସମସ୍ତ ସୁବିଧା ସୁଯୋଗ ଯୋଗାଇଦେବା ପାଇଁ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ଅସ୍ଥିଶଲ୍ୟ ବିଶେଷଜ୍ଞ ଡ. ସନ୍ଦୀପ ସିଂହ, ସ୍ନାୟୁରୋଗ ବିଶେଷଜ୍ଞ ଡ. ସୂର୍ଯ୍ୟପ୍ରକାଶ ଏସ୍ ଚୌଧୁରୀ, ଭାରତୀୟ କ୍ରିକେଟ ଦଳ (ଏ ଗ୍ରୁପ୍)ର ପୂର୍ବତନ ଫିଜିଓଥେରାପିଷ୍ଟ ଡ. କୌଶିକ ମଲ୍ଲିକ ପ୍ରମୁଖ ମଞ୍ଚାସୀନ ଥିଲେ। ସାଙ୍ଗଠନିକ କମିଟି ଅଧ୍ୟକ୍ଷ ନ୍ୟୁରୋ ଫିଜିଓଥେରାପିଷ୍ଟ ଡ. ଅମ୍ଳାନ ଜ୍ୟୋତି ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମ ଆବାହିକା ଡ. ରଶ୍ମିରେଖା ମହାନ୍ତି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ରଖିଥିବା ବେଳେ ସଙ୍ଗଠନ ସମ୍ପାଦକ ତଥା ମଣିପାଲ ଡାକ୍ତରଖାନା, ଭୁବନେଶ୍ୱର ଫିଜିଓଥେରାପି ବିଭାଗର ମୁଖ୍ୟ ଡ. ଶିବାନୀ ଶଙ୍କର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସ୍ୱନାମଧନ୍ୟ ଫିଜିଓଥେରାପି ପ୍ରତିନିଧିଙ୍କୁ ନେଇ ସ୍ନାୟୁରୋଗ, ଅସ୍ଥି, ହୃଦ୍‌ରୋଗ ଓ ସ୍ତ୍ରୀରୋଗ ସମ୍ବନ୍ଧରେ ୪ଟି ଅଧିବେଶନ ଅନୁଷ୍ଠିତ ହୋଇ ବିଶଦ ଆଲୋଚନା ହେବା ସହ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇଥିଲା।



କାର୍ଯ୍ୟକ୍ରମରେ ଉପସ୍ଥିତ ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆଙ୍କ ସହ ଅନ୍ୟ ଅତିଥିମାନେ ।

# ଉପଯୁକ୍ତ କ୍ଷତିପୂରଣ ନ ମିଳିଲେ ରାଜରାସ୍ତାକୁ ଓହ୍ଲାଇବ ବିଜେଡି

ନିମାପଡ଼ା,୨୯।୧୨(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ାସ୍ଥିତ ରବୀନ୍ଦ୍ର କଲ୍ୟାଣ ମଣ୍ଡପ ପରିସରରେ ବିଜେଡି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଜେଡି ନେତା ଦିଲୀପ ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ୧୮ ନଂ. ଜୋନ୍ ଜିଲା ପରିଷଦ ସଭ୍ୟା କୁଞ୍ଜଲତା ସାମଲ, ବରିଷ୍ଠ ନେତା ରବୀନ୍ଦ୍ର କୁମାର ଦାଶ, ଭାଗ୍ୟଧର ଖଟେଇ, ତପନ କୁମାର ପଣ୍ଡା, ଛାତ୍ର ନେତା ସୁରେନ୍ଦ୍ର ଜେନା, କୁମାର ସୌମିନ ଦାଶ, ଗୁଡ୍ଡୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଲଘୁଚାପଜନିତ ବର୍ଷାରେ ନିମାପଡ଼ା ଓ ଗୋପ ଅଞ୍ଚଳର ଧାନ ଫସଲ କ୍ଷୟକ୍ଷତିର ଆକଳନ କରାଯାଇ ତୁରନ୍ତ ଚାଷୀଙ୍କୁ କ୍ଷତିପୂରଣ ଯୋଗାଇ ଦିଆଯାଉ ବୋଲି ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ମାତ୍ର ଦୁଃଖ ଓ ପରିତାପର ବିଷୟ ନିମାପଡ଼ା ତହସିଲ ଓ କୃଷି ବିଭାଗର ଅଧିକାରୀ ଏ ପର୍ଯ୍ୟନ୍ତ କୌଣସି କ୍ଷୟକ୍ଷତିର ଆକଳନ କରି ନ ଥିବା ନେଇ ସମ୍ମିଳନୀରେ ପାତ୍ର ପ୍ରକାଶ କରିଛନ୍ତି। ଯଦି ୧୦ ଦିନ ମଧ୍ୟରେ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଯୋଗାଇ ନ ଦିଆଯାଏ, ତେବେ ନିମାପଡ଼ା ଓ ଗୋପ ବିଜେଡି ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ବଜରଙ୍ଗ ଦଳ ପକ୍ଷରୁ ପ୍ରାନ୍ତୀୟ ଶୌର୍ଯ୍ୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ନିମାପଡ଼ା,୨୯।୧୨
(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ବଜରଙ୍ଗ ଦଳ ଓଡ଼ିଶା(ପୂର୍ବ)ର ପ୍ରାନ୍ତୀୟ ରାଜ୍ୟ ପ୍ରଶିକ୍ଷଣ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ନିମାପଡ଼ାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ୭ଦିନ ବ୍ୟାପୀ ଆୟୋଜିତ ଶିବିରରେ ଶତାଧିକ ଶିକ୍ଷାର୍ଥୀ, ୧୫ ପ୍ରଶିକ୍ଷକ, ୫୦ ବ୍ୟବସ୍ଥାପକ ଯୋଗ ଦେଇଥିଲେ।



ପ୍ରଶିକ୍ଷଣ ଶିବିରରେ ମଞ୍ଚାସୀନ ଅତିଥିବୃନ୍ଦ।

ଉଦ୍‌ଯାପନୀ ସମାରୋହରେ ଅତିଥି ଭାବେ ପୂଜ୍ୟସନ୍ଥ ଶୁଭାନନ୍ଦ ମହାରାଜ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରାନ୍ତ ପ୍ରଚାରକ ବିପିନ ପ୍ରସାଦ ନନ୍ଦ, କ୍ଷେତ୍ରୀୟ ସଂଯୋଜକ ଆମଲ ଚକ୍ରବର୍ତ୍ତୀ, ବିଶ୍ୱ ହିନ୍ଦୁ ପରିଷଦର ରାଜ୍ୟ ସମ୍ପାଦକ ମହେଶ ସାହୁ, ସହସମ୍ପାଦକ ଉମାଶଙ୍କର ଆଚାର୍ଯ୍ୟ, ପ୍ରାନ୍ତ ସହସଂଯୋଜକ ପ୍ରଭାତ ଭୂଷଣ ତ୍ରିପାଠୀ, ଅଜୟ ଦାସ ପ୍ରମୁଖ ଯୋଗଦେଇ ରାଷ୍ଟ୍ର, ଧର୍ମ, ସଂସ୍କୃତ ପ୍ରତି ଆଜିର ଯୁବବର୍ଗ, ଶିକ୍ଷାର୍ଥୀମାନଙ୍କୁ ଆକୃଷ୍ଟ କରିବା ଦିଗରେ ଆଲୋକପାତ କରିଥିଲେ। ଏହି ଶିବିରର ଲକ୍ଷ୍ୟ, ଉଦ୍ଦେଶ୍ୟ, ତାତ୍ପର୍ଯ୍ୟ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ବଜରଙ୍ଗୀ ଭାଇମାନେ ଚିତ୍ତାକର୍ଷକ ଶାରୀରିକ ପ୍ରଦର୍ଶନ, ଆସନ, ପ୍ରାଣାୟମ, ଦଣ୍ଡଯୁଦ୍ଧ, ବନ୍ଧୁକ ଚାଳନା, ବ୍ୟାୟାମ ଯୋଗ ଆଦି ପ୍ରଦର୍ଶନ କରିଥିଲେ। ଏହି ଅବସରରେ ୫୦୦ରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତାଙ୍କର ଏକ ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। କାର୍ଯ୍ୟକ୍ରମକୁ ନିମାପଡ଼ା ସଭାପତି ଶ୍ରୀମନ୍ତ ଶେଖର ରଥ, ଜିଲା ସମ୍ପାଦକ ରଘୁନାଥ ମହାପାତ୍ର, ସଭାପତି ରାଜେନ୍ଦ୍ର ପ୍ରସାଦ ମହାନ୍ତି, ବଜରଙ୍ଗ ଦଳର ସଂଯୋଜକ ରଞ୍ଜନ ପ୍ରଧାନ, ଜ୍ୟୋତି ଛୋଟରାୟ, କୁଲୁ ବେହେରା, ତପନ ରାଉତରାୟ, ଶରତ ସେନାପତି, ବାଲୁଙ୍କେଶ୍ୱର ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ନେତୃତ୍ୱ ନେଇଥିଲେ। ପ୍ରଭାତ ଭୂଷଣ ତ୍ରିପାଠୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ।

# ନିୟୋଜିତ ହେବେ ୬୦ ପ୍ଲାଟୁନ ଫୋର୍ସ

ପୁରୀ,୨୯।୧୨(ଅଜିତ୍ କୁମାର ମହାନ୍ତି)

ନୂତନ ବର୍ଷରେ ଭକ୍ତଙ୍କ ପ୍ରବଳ ସମାଗମକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବ୍ୟାରିକେଡ୍‌କୁ ମାର୍କେଟ ଛକ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସେହିପରି ଶ୍ରୀମନ୍ଦିର ବାହାରେ ଓ ଭିତରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ ରହିବେ। ନୂଆବର୍ଷରେ ଭିଡ଼ ନିୟନ୍ତ୍ରଣ ପାଇଁ ପୁରୀରେ ୬୦ ପ୍ଲାଟୁନ ଫୋର୍ସ ମୁତୟନ ହେବ। ଏଥିସହ ଦୁଇ କମାଣ୍ଡାଣ୍ଟ ର୍‍ୟାଙ୍କ୍ ଅଧିକାରୀ, ୧୦ ଅତିରିକ୍ତ ଏସ୍‌ପି, ୩୩ ଡିଏସ୍‌ପି ବା ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ର୍‍ୟାଙ୍କ ଅଧିକାରୀ, ୬୨ ଇନ୍ସପେକ୍ଟର, ୨୪୫ ସବ୍‌ଇନ୍ସପେକ୍ଟର ଓ ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟର, ୩୦ ହାବିଲଦାର, ୨୯୦ ଜଣ କନ୍‌ଷ୍ଟେବଲ ବା ସିପାହି ପାହ୍ୟାର କର୍ମଚାରୀ ମୁତୟନ ରହିବେ। ଏଥିସହ ୩୮ ଟ୍ରେନି ହାବିଲଦାର ଓ କନ୍‌ଷ୍ଟେବଲଙ୍କ ସମେତ ୬୫୦ ଗୃହରକ୍ଷୀ ମୁତୟନ ହେବେ। ବେଳାଭୂମିରେ ପର୍ଯ୍ୟାପ୍ତ ପରିମାଣର ଅଗ୍ନିଶମ କର୍ମଚାରୀ ଓ ୧୨୦ଜଣ ଲାଇଫ୍‌ଗାର୍ଡ ମୁତୟନ ହେବେ ବୋଲି ଏସ୍‌ପି ବିନୀତ ଅଗ୍ରୱାଲ କହିଛନ୍ତି। ନବବର୍ଷ ଭିଡ଼ ଭିତରେ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କୁ ପୋଲିସର ସ୍ୱତନ୍ତ୍ର ଟିମ୍ ଓ ଯୁବଶକ୍ତି ସ୍ୱେଚ୍ଛାସେବୀ ମାନେ ଦର୍ଶନ କରାଇବାରେ ସହଯୋଗ କରିବେ। ଶ୍ରୀମନ୍ଦିର ପରିସରରେ ଦୁଇଭାଗରେ ପୋଲିସ ମୁତୟନ ହେବେ। ଜନଗହଳି ସ୍ଥାନରେ ରହିବ ଆଣ୍ଟି ସ୍ନାଚିଂ ଟିମ୍। ମନ୍ଦିର ଭିତରେ ୫ଟି ଜୋନ୍ ଓ ମନ୍ଦିର ବାହାରେ ୬ଟି ଜୋନ୍‌ରେ ପୋଲିସ ଟିମ୍ ଭିଡ଼ ନିୟନ୍ତ୍ରଣ କରିବ। ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ଇନ୍‌ସାଇଡ ଓ ଆଉଟ୍‌ସାଇଡ ଦୁଇଭାଗରେ ଟ୍ରାଫିକ୍ କଣ୍ଟ୍ରୋଲ କରାଯାଉଛି। ବିଭିନ୍ନ ସ୍ଥାନରେ ନାକାବନ୍ଦୀ ସହ ଗାଡ଼ି ଚେକିଂ କରାଯାଉଛି।

### ପୁରୀ ପୋଲିସର ସ୍ପେଶାଲ ଡ୍ରାଇଭ୍: ୭ ଦିନରେ ୧୭୨ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

ଇଣ୍ଟିଗ୍ରେଟେଡ୍ କଣ୍ଟ୍ରୋଲ ରୁମ୍ ୨୪ ଘଣ୍ଟା କାମ କରିବ। ସେହିଭଳି ବିଭିନ୍ନ ଜନଗହଳି ସ୍ଥାନରେ ଆଣ୍ଟି ସ୍ନାଚିଂ ଟିମ୍ ରହିବ। କୋଣାର୍କ, ରାମଚଣ୍ଡୀ, ସାତପଡ଼ା, ପୀର ଜାହାନିଆ, ବାଲିହରଚଣ୍ଡୀ ଭଳି ପର୍ଯ୍ୟଟନ ସ୍ଥାନରେ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି। ନବବର୍ଷର ଅବ୍ୟବହିତ ପୂର୍ବରୁ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ପୁରୀ ପୋଲିସର ସ୍ପେଶାଲ ଡ୍ରାଇଭ୍ ଜାରି ରହିଛି। ୭ ଦିନ ମଧ୍ୟରେ ୧୭୨ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଅବକାରୀ ମାମଲାରେ ୮୩ ଜଣଙ୍କଠାରୁ ୪୨୬.୩୦୦ ଲିଟର ବେଆଇନ ମଦ ଜବତ ହୋଇଛି। ୫ ଏନ୍‌ଡିପିଏସ୍ କେସ୍‌ରେ ୪ ଅଭିଯୁକ୍ତଙ୍କଠାରୁ ୫୯ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ ହୋଇଛି। ୬ଟି ଦାଦାବଟି ଓ ଡକାୟତି ମାମଲାରେ ୧୪ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଡ୍ରଙ୍କ୍ ଆଣ୍ଡ ଡ୍ରାଇଭ୍ କେସ୍‌ରେ ୩୫ ଗାଡ଼ି ଜବତ ସହ ୧୪ ଲକ୍ଷ ୮୬ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ୧୩୦ ଜଣଙ୍କ ବିରୋଧରେ ନନ୍ ବେଲେବଲ ୱାରେଣ୍ଟ ଜାରି କରାଯାଇଥିବା ନେଇ ପୋଲିସ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସମସ୍ତ ଶ୍ରଦ୍ଧାଳୁ ପର୍ଯ୍ୟଟକଙ୍କୁ ପୁରୀ ପୋଲିସ ପକ୍ଷରୁ ସ୍ୱାଗତ କରାଯାଉଛି। ରବିବାର ପୋଲିସ ପ୍ରଶାସନ ପକ୍ଷରୁ କରାଯାଇଥିବା ବ୍ୟବସ୍ଥାବଳୀକୁ ମହାପ୍ରଭୁଙ୍କ ନିକଟରେ ଏସ୍‌ପି ସମର୍ପଣ କରିଛନ୍ତି। ସେହିପରି ରବିବାର ଅପରାହ୍ନରେ କେନ୍ଦ୍ରାଞ୍ଚଳ ଡିଆଇଜି ଚରଣସିଂହ ମୀନା ପୁରୀ ଆସି ପୋଲିସ ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରିଛନ୍ତି। ଭକ୍ତ ଓ ପର୍ଯ୍ୟଟକଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି। ନୂଆବର୍ଷରେ ଭକ୍ତମାନେ ସିଂହଦ୍ୱାର ଦେଇ ପ୍ରବେଶ କରିବେ ଓ ଅନ୍ୟ ତିନି ଦ୍ୱାର ବାଟେ ପ୍ରସ୍ଥାନ କରିବେ ବୋଲି ମୀନା କହିଛନ୍ତି।

**ଟ୍ରକ ଧକ୍କାରେ ବାଇକ୍ ଆରୋହୀ ମୃତ**

କଟକ ସଦର (ସୁଶାନ୍ତ କୁମାର ଜେନା): କଟକ-ପାରାଦୀପ ରାସ୍ତାର ନାହାଭଙ୍ଗା ନିକଟରେ ରବିବାର ସଡ଼କ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ ପୁରୀ ଜିଲା ଗଡ଼ିଶାଗଡା ଅଞ୍ଚଳର ଜଗନ୍ନାଥ ବେହେରା। ବାଇକ୍ ଆରୋହୀ ଜଣଙ୍କ ପାରାଦୀପ ଆଡ଼େ ଯାଉଥିବା ବେଳେ ଏକ ଟ୍ରକ ପଛପଟୁ ଧକ୍କା ଦେଇଥିଲା। ଜଗନ୍ନାଥ ତଳେ ପଡ଼ିଯିବାରୁ ଟ୍ରକଟି ତାଙ୍କ ମୁଣ୍ଡ ଉପରେ ଚଢ଼ି ଯାଇଥିଲା। ଫଳରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି।

# ଫସଲ କ୍ଷୟକ୍ଷତି ଅନୁଧ୍ୟାନ କଲେ ଉପମୁଖ୍ୟମନ୍ତ୍ରୀ

ନିଆଳି, ୨୯।୧୨ (ସୁକାନ୍ତ କୁମାର ସିଂହ)

ଅଦିନିଆ ବର୍ଷା ଯୋଗୁ ନିଆଳି ଅଞ୍ଚଳରେ ଧାନ ବିଲଗୁଡ଼ିକରେ ପାଣି ଜମିରହିବା ଫଳରେ ଧାନ ନଷ୍ଟ ହେବା ସହ ପାନ ଚାଷୀଙ୍କର ନାହିଁ ନ ଥିବା କ୍ଷତି ହୋଇଛି। ଋଣ, ଧାର, କରଜ କରି ଚାଷ କରୁଥିବା ଚାଷୀମାନେ ସର୍ବସ୍ୱାନ୍ତ ହୋଇଛନ୍ତି। ଚାଷୀମାନଙ୍କର କ୍ଷୟକ୍ଷତି ଦେଖିବା ପାଇଁ ରବିବାର ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ନିଆଳି ବ୍ଲକର ଜଲାରପୁର ପଞ୍ଚାୟତ ଷୋଳମଙ୍ଗା ମାଧବ ଆଦି ଅଞ୍ଚଳ ପରିଦର୍ଶନ କରିଥିଲେ। ଧାନକ୍ଷେତକୁ ଯାଇ ଚାଷୀଙ୍କୁ କ୍ଷୟକ୍ଷତି ବିଷୟରେ ପଚାରି ବୁଝିଛନ୍ତି। କ୍ଷତିଗ୍ରସ୍ତ ଚାଷୀମାନେ ଉପ ମୁଖ୍ୟମନ୍ତ୍ରୀଙ୍କୁ ଜଲାରପୁର ଛକଠାରେ ସମ୍ବର୍ଦ୍ଧିତ କରିଥିଲେ। ଆଜି ସୁଦ୍ଧା ପାଣିରେ ବୁଡ଼ି ରହିଥିବା ଧାନକୁ ଦେଖାଇବା ସହ ଗଜା ହୋଇଥିବା ଧାନକୁ ଦେଖାଇଥିଲେ। ଖୁବ୍‌ଶୀଘ୍ର ଚାଷୀମାନଙ୍କୁ କ୍ଷତିପୂରଣ ଦିଆଯିବା ସହ ଚାଷୀଙ୍କର ମେରୁଦଣ୍ଡକୁ ଟାଣ କରାଯିବ ବୋଲି ଆଶ୍ୱାସନା ଦେଇଥିଲେ। ଏହାପରେ କୃଷି କାର୍ଯ୍ୟାଳୟ ପରିସରରେ ଏକ ସମୀକ୍ଷା ବୈଠକ କରିଥିଲେ। ବୈଠକରେ ସ୍ଥାନୀୟ ଭାଜପା ନେତା ତଥା ରାଜ୍ୟ ପ୍ରଭାରୀ ରାଜେନ୍ଦ୍ର ପ୍ରସାଦ ପଣ୍ଡା, କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଧେ, କୃଷି ଅଧିକାରିଣୀ ସନ୍ଧ୍ୟାରାଣୀ ଦାସଙ୍କ ସହ ସମସ୍ତ କୃଷି ଉଚ୍ଚପଦସ୍ଥ କର୍ମଚାରୀ, ଏସ୍‌ପି. ପ୍ରତୀକ୍ ସିଂହ, ତହସିଲଦାର ଲିଲନ୍ ପ୍ରସାଦ ସାହୁ, ବିଡିଓ ଜଗଦୀଶ୍ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକ ପରେ ଉପମୁଖ୍ୟମନ୍ତ୍ରୀ ଖବରଦାତାଙ୍କୁ କହିଛନ୍ତି, ଯେଉଁ ଚାଷୀମାନଙ୍କର କ୍ଷୟକ୍ଷତି ହୋଇଛି ସେମାନଙ୍କୁ ସାହାଯ୍ୟ ଯୋଗାଇ ଦିଆଯିବ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନାରେ ଚାଷୀର କ୍ଷୟକ୍ଷତି ଯୋଗାଇ ଦେବାପାଇଁ ଇନସ୍ୟୁରାନ୍ସ କମ୍ପାନୀ ସହିତ ଆଲୋଚନା ହୋଇଛି, ଆଜି ଜମି ବୁଲି ଦେଖିବା ସହ ପାନଚାଷୀଙ୍କର ମଧ କ୍ଷତି ହୋଇଥିବା ଦେଖିବାକୁ ମିଳିଛି, ପାନ ଓ ଧାନର ନମୁନା ସଂଗ୍ରହ କରାଯାଇଛି। ଯେଉଁ ଚାଷୀମାନେ ନାମ ପଞ୍ଜୀକରଣ କରିନାହାନ୍ତି ସେମାନେ ନାମ ପଞ୍ଜୀକରଣ କରନ୍ତୁ ବୋଲି ଅନୁରୋଧ କରିଥିଲେ।



ସମୀକ୍ଷା ବୈଠକରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଫସଲ କ୍ଷୟକ୍ଷତି ନେଇ ଅଧିକାରୀ ଏବଂ ଅନ୍ୟମାନଙ୍କ ସହ ଆଲୋଚନା କରୁଛନ୍ତି।

## ସଫେଇ କର୍ମଚାରୀଙ୍କ ସମସ୍ୟା ବୁଝିଲେ ପୂର୍ବତନ ବିଧାୟକ

ଚୌଦ୍ୱାର, ୨୯।୧୨ (ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକାର ସଫେଇ କର୍ମଚାରୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ରବିବାର ବହୁସଂଖ୍ୟାରେ ସଫେଇ କର୍ମଚାରୀ ପୌରପାଳିକା ୯ନଂ. ୱାର୍ଡ ଶନିମନ୍ଦିର ପରିସରରେ ଏକତ୍ରିତ ହୋଇ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କୁ ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ସମସ୍ୟା ସମ୍ପର୍କରେ ପ୍ରଶାସନ ସହ ଆଲୋଚନା କରାଯାଇ ସମାଧାନ ବ୍ୟବସ୍ଥା କରାଯିବ ବୋଲି ବିଶ୍ୱାଳ ପ୍ରତିଶ୍ରୁତି ଦେବା ସହ ସହରକୁ ସ୍ୱଚ୍ଛ ରଖିବା ପାଇଁ ସଂଗଠିତ ହୋଇ ଆଗ୍ରହର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସଫେଇ କର୍ମଚାରୀମାନଙ୍କ ପକ୍ଷରୁ ପୂର୍ବତନ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, କାଉନ୍‌ସିଲର ସୁବ୍ରତ ସାମଲ, ରଙ୍ଗଲତା ସାହୁ, ମହିଳା ନେତ୍ରୀ କବିତାରାଣୀ ଲେଙ୍କା ଓ କଲ୍ୟାଣୀ ସାହାଣୀ ପ୍ରମୁଖ ଉପସ୍ଥିତ ଥିଲେ।

## ସହର ଜଗିବେ ୧୫ ପ୍ଲାଟୁନ ଫୋର୍ସ

କଟକ, ୨୯।୧୨ (ଶିକ୍ଷା ପ୍ରିୟଦର୍ଶିନୀ)

**ଜିରୋ ନାଇଟ୍ ଓ ନୂଆବର୍ଷ ପାଇଁ ପୋଲିସର ସ୍ୱତନ୍ତ୍ର ବ୍ୟବସ୍ଥା**

ଦିନକ ପରେ ସହରବାସୀ ପୁରୁଣା ବର୍ଷକୁ ବିଦାୟ ଦେବେ ଏବଂ ନୂଆବର୍ଷ-୨୦୨୫କୁ ସ୍ୱାଗତ କରିବେ। ଜିରୋ ନାଇଟ୍ ଓ ନୂଆବର୍ଷ ସେଲିବ୍ରେଶନ ପାଇଁ କଟକ ସହରର ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ଭାବେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ତେବେ ସହରବାସୀ ଏହି ସେଲିବ୍ରେଶନକୁ ସୁରୁଖୁରୁରେ ପାଳନ କରିବା ପାଇଁ ତଥା ସେମାନଙ୍କ ସୁରକ୍ଷା ନେଇ କମିଶନରେଟ୍ ପୋଲିସ ସଜାଗ ହୋଇଛି। ତେଣୁ କମିଶନରେଟ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସହରରେ ସୋମବାରଠାରୁ ସ୍ପେଶାଲ ଚେକିଂ, ନାକାବନ୍ଦୀ ଓ ବ୍ଲକିଂ କରାଯିବ। ଜିରୋ ନାଇଟ ପୂର୍ବରୁ ସହରକୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ରଖାଯିବ। ସମୁଦାୟ ୧୫ ପ୍ଲାଟୁନ ଫୋର୍ସ ମୁତୟନ କରାଯିବ। ଏଥିସହ ୨୪ଟି ପିସିଆର୍ ଭ୍ୟାନ ଓ ୪୦ଟି ପିସିଆର୍ ବାଇକ ସାରା ସହରରେ ନିୟୋଜିତ ହେବ। ମୁଖ୍ୟତଃ ମଦ୍ୟପଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ସ୍କ୍ୱାଡ୍ ବୁଲିବେ। ସହରର ପ୍ରବେଶ ଓ ପ୍ରସ୍ଥାନ ସ୍ଥାନରେ ୨୪ ଘଣ୍ଟିଆ ସ୍ପେଶାଲ ସ୍କ୍ୱାଡ୍ ଡ୍ୟୁଟି କରିବେ। ବିଶେଷକରି ବାର୍ ଓ ମଦ ଦୋକାନଗୁଡିକରେ ସ୍ୱତନ୍ତ୍ର ନଜର ରଖାଯିବା ସହ ଥାନାୱାରୀ ସ୍ପେଶାଲ ପାଟ୍ରୋଲିଂ କରାଯିବ। ସେହିପରି ପ୍ରତି ଥାନା ଅଧିକାରୀଙ୍କ ନେତୃତ୍ୱରେ ଗୋଟିଏ ଲେଖାଏ ଟିମ୍ ଗଠନ କରାଯାଇ ସୁରକ୍ଷା ବ୍ୟବସ୍ଥା ଉପରେ ଧ୍ୟାନ ଦିଆଯିବ। ଏପରିକି ପୋଲିସ ପକ୍ଷରୁ ପ୍ରତ୍ୟେକ ଛକରେ ଷ୍ଟପ୍‌ବୋର୍ଡ ଲଗାଯିବ, ଯେଉଁଥିରେ ବାଇକ୍ ଓ ଚାରିଚକିଆ ଯାନକୁ ଚେକିଂ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ଏ ନେଇ ଅତିରିକ୍ତ ଡିସିପି ଦେବଦତ୍ତ କର କହିଛନ୍ତି, ଜିରୋ ନାଇଟ୍ ପୂର୍ବ ଓ ପରେ ଯେପରି କୌଣସି ପ୍ରକାରର ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ନ ହୁଏ, ସେ ଦିଗରେ ଧ୍ୟାନ ଦିଆଯାଉଛି ଏବଂ ସମସ୍ତ ଥାନା ଅଧିକାରୀ ଏବଂ ଏସିପିଙ୍କୁ ଅବଗତ କରାଯାଇଛି। ନିଶାପାନ କରି ଯେପରି କେହି ଦୁର୍ଘଟଣାର ଶିକାର ନ ହେବେ, ତାହାକୁ ନଜରରେ ରଖି ପ୍ରତ୍ୟେକ ଛକରେ ଚେକିଂ ସମୟରେ ବ୍ରେଥ୍ ଆନାଲାଇଜର ମେଶିନ ଦ୍ୱାରା ପରୀକ୍ଷା କରାଯିବ। ଯଦି କୌଣସି ବ୍ୟକ୍ତି ନିୟମ ଖିଲ୍ଲ କରନ୍ତି, ତେବେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଧର୍ମ ଜାଗରଣକୁ କ୍ରିୟାଶୀଳ କରିବାରେ ମାର୍ଗଦର୍ଶିକା ହୁଅ

**ରାଷ୍ଟ୍ରୀୟ ବ୍ରାହ୍ମଣ ସଂଘ ଗଠିତ**

ନିଶ୍ଚିନ୍ତକୋଇଲି, ୨୯।୧୨ (ଅଶୋକ କୁମାର ମହାପାତ୍ର)

ସତ୍ୟ ସନାତନ ଧର୍ମର ଧ୍ୱଜାକୁ ସର୍ବବ୍ୟାପୀ କରିବାରେ ବ୍ରାହ୍ମଣମାନଙ୍କ ଭୂମିକା ସ୍ୱତନ୍ତ୍ର। ବ୍ରାହ୍ମଣମାନେ କେବଳ ପୂଜାପାଠ, ଯଜ୍ଞହୋମରେ ସୀମିତ ନ ରହି ରାଷ୍ଟ୍ର ଗଠନରେ ନିଜକୁ ସାମିଲ କରି ଧର୍ମଜାଗରଣକୁ କ୍ରିୟାଶୀଳ କରାଇବାରେ ମାର୍ଗଦର୍ଶିକା ହୁଅନ୍ତୁ ବୋଲି ନବଗଠିତ ରାଷ୍ଟ୍ରୀୟ ବ୍ରାହ୍ମଣ ସଂଘର ସଭାପତି ପଣ୍ଡିତ ସଞ୍ଜୟ କୁମାର ଷଡ଼ଙ୍ଗୀ ମତବ୍ୟକ୍ତ କରିଛନ୍ତି। ନିଶ୍ଚିନ୍ତକୋଇଲି ବ୍ଲକ ନଟକାଇ ପଞ୍ଚାୟତ ଅନ୍ତର୍ଗତ ବାଘୁଆ ଅନନ୍ତ ଗୋସାଇଁ ପୀଠରେ ବିଭିନ୍ନ ଶାସନରୁ ପଣ୍ଡିତ ମଣ୍ଡଳୀ ଓ ବ୍ରାହ୍ମଣ ସମାଜର ପ୍ରତିନିଧିମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭିନ୍ନ କର୍ମକାଣ୍ଡ, ବ୍ରାହ୍ମଣମାନଙ୍କ ସାମ୍ପ୍ରତିକ ସମସ୍ୟା ଉପରେ ଆଲୋଚନା କରାଯିବା ପରେ ସଂଘବଦ୍ଧଭାବେ ବ୍ରାହ୍ମଣ ସମାଜ ଆଗାମୀ ଦିନରେ ବ୍ୟକ୍ତିଗତ ଓ ସାମାଜିକ ସଂସ୍କାର ସହ ରାଷ୍ଟ୍ରରେ ଧର୍ମ ଜାଗରଣ ଓ ସତ୍ୟ ସନାତନ ଧର୍ମ ରକ୍ଷା ପାଇଁ ବ୍ରତୀ ହେବେ ବୋଲି ନିଷ୍ପତ୍ତି ହୋଇଥିଲା। ନବଗଠିତ ରାଷ୍ଟ୍ରୀୟ ବ୍ରାହ୍ମଣ ସଂଘର ସଭାପତି ଭାବେ ସଞ୍ଜୟ କୁମାର ଷଡ଼ଙ୍ଗୀ, ଉପସଭାପତି ଭାବେ ପ୍ରଶାନ୍ତ କୁମାର ପଣ୍ଡା, ସମ୍ପାଦକ ଭାବେ ଗୁରୁପ୍ରଦାସ ଦାଶ, ସହସମ୍ପାଦକ ଭାବେ ଶକ୍ତିପ୍ରସାଦ ନନ୍ଦ, କୋଷାଧ୍ୟକ୍ଷ ଭାବେ କାଳିପ୍ରସାଦ ଷଡ଼ଙ୍ଗୀ, ସାମାଜିକ ଗଣମାଧ୍ୟମ ସଂଯୋଜକ ଭାବେ ଶାରଦା ପ୍ରସାଦ ଷଡ଼ଙ୍ଗୀ, ଧର୍ମନାରାୟଣ ଶତପଥୀଙ୍କୁ ଚୟନ କରାଯାଇଥିବାବେଳେ ସର୍ବସମ୍ମତିକ୍ରମେ ଉପଦେଷ୍ଟା ଭାବେ ଶ୍ୱେତବଟ ପୀଠ ମହନ୍ତ ନିତ୍ୟାନନ୍ଦ ଦାସ, ନାଳିପଡ଼ିଆ ମଠ ମହନ୍ତ ଲକ୍ଷ୍ମୀକାନ୍ତ ଦାସଙ୍କୁ ଚୟନ କରାଯାଇଛି। ଆଗାମୀ ଦିନରେ ସାଲେପୁର, ନିଶ୍ଚିନ୍ତକୋଇଲି, ମାହାଙ୍ଗା ବ୍ଲକର ସଂଯୋଜକମାନଙ୍କ ଜରିଆରେ ଶାସନ ଅନୁଯାୟୀ ବୈଠକ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଜାନୁଆରୀ ୨୯ ତାରିଖରେ ନାଳିପଡ଼ିଆ ମଠରେ ଭାଗବତ ପାରାୟଣ ସହ ସଂଘର ଏକ ସ୍ୱତନ୍ତ୍ର ବୈଠକ କରାଯିବା ପାଇଁ ସଭାପତି ଷଡ଼ଙ୍ଗୀ ପ୍ରସ୍ତାବ ଦେଇଥିଲେ।


ବୈଠକରେ ଯୋଗଦେଇଥିବା ରାଷ୍ଟ୍ରୀୟ ବ୍ରାହ୍ମଣ ସଂଘର ସଦସ୍ୟମାନେ।

## ଦିଗହରା ସମାଜର ମେରୁଦଣ୍ଡ ବରିଷ୍ଠ ନାଗରିକ



ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକୋତ୍ସବରେ ଏମ୍‌ପି ଭର୍ତ୍ତୃହରି ମହତାବ ଏବଂ ଅନ୍ୟ ଅତିଥିବୃନ୍ଦ।

ଖୁଣ୍ଟୁଣୀ, ୨୯।୧୨ (ସଚ୍ଚିଦାନନ୍ଦ ପଣ୍ଡା)

ବରିଷ୍ଠ ନାଗରିକମାନେ ହେଉଛନ୍ତି ଦିଗହରା ସମାଜର ମେରୁଦଣ୍ଡ। ସେମାନଙ୍କର ସମସ୍ତ ଯତ୍ନ ନେବା ତାଙ୍କ ପରିବାର ସହିତ ଆମ ସମସ୍ତଙ୍କର କର୍ତ୍ତବ୍ୟ। ସେମାନଙ୍କ ମୌଳିକ ଅଧିକାର ପ୍ରତି କେନ୍ଦ୍ର ଓ ରାଜ୍ୟ ସରକାର ସଚେତନ ବୋଲି ରବିବାର ବରିଷ୍ଠ ନାଗରିକ ମଞ୍ଚ ଆଠଗଡ଼ ନବେଢ଼ାର ଷଷ୍ଠ ବାର୍ଷିକୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ କଟକ ଏମ୍‌ପି ଭର୍ତ୍ତୃହରି ମହତାବ କହିଛନ୍ତି। ଗୁରୁଡ଼ିଝାଟିଆ କଲେଜ ପଡ଼ିଆରେ ଅନୁଷ୍ଠିତ ଏହି ଉତ୍ସବରେ ମଞ୍ଚର ସଭାପତି ବିଦ୍ୟାଧର ନାୟକ ସଭାପତିତ୍ୱ କରି ଦୀର୍ଘ ୩୩ ବର୍ଷ ପରେ ଆଠଗଡ଼ରେ ଅଭୟଙ୍କ ପ୍ରବେଶ ଯୋଗୁ ଏବେ ଆଠଗଡ଼ବାସୀ ନିର୍ଭୟରେ ସବୁ କାର୍ଯ୍ୟ କରୁଛନ୍ତି ବୋଲି କହିଥିଲେ। ସାଧାରଣ ସମ୍ପାଦକ ଶରତ କୁମାର ଖୁଣ୍ଟିଆ ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ସମ୍ମାନିତ ଅତିଥି ଭାବେ ଆଠଗଡ଼ର ଭାଜପା ଯୁବନେତା ଅଭୟ କୁମାର ବାରିକ, ବରିଷ୍ଠ ଉପଦେଷ୍ଟା ଇଂ. ପ୍ରତାପ ଚନ୍ଦ୍ର ସାମଲ, ଗୁରୁଚରଣ ପ୍ରଧାନ, ଗୁରୁ କଲେଜ ଅଧ୍ୟକ୍ଷ ଅଶୋକ ସାମନ୍ତରାୟ, ମାଗୁଣି ଚରଣ ରାଉତ, ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦ ବସନ୍ତ କୁମାର ସାହାଣୀ ପ୍ରମୁଖ ଯୋଗଦେଇ ନିଜ ନିଜର ବ୍ୟକ୍ତବ୍ୟ ରଖିଥିଲେ। ସଭା ଆରମ୍ଭରେ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। କଲେଜ ଛାତ୍ରୀମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ମଞ୍ଚର ଦିବଂଗତ ସଦସ୍ୟଙ୍କ ପାଇଁ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଉପଦେଷ୍ଟା ଅନିରୁଦ୍ଧ ନନ୍ଦ ଧନ୍ୟବାଦ ଦେଇଥିଲେ।

## କଟକ କ୍ଲବର ଜିରୋନାଇଟ୍ ପ୍ରସ୍ତୁତି

କଟକ, ୨୯।୧୨ (ଶିକ୍ଷା ପ୍ରିୟଦର୍ଶିନୀ)

କଟକ ସହରରେ ଏଥର ଜିରୋନାଇଟ୍ ସେଲିବ୍ରେଶନରେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବ କଟକ କ୍ଲବ। ମୁମ୍ବାଇ, କୋଲକାତାରୁ କଳାକାର ଆସିବେ ଏବଂ ପ୍ରଥମଥର ପାଇଁ ଏରିଏଲ ଆକ୍ଟ କରାଯିବ ବୋଲି ରବିବାର କଟକ କ୍ଲବର ସମ୍ପାଦକ ଶୁଭେନ୍ଦୁ ପଟ୍ଟନାୟକ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, କ୍ଲବ ସଦସ୍ୟଙ୍କ ସମେତ ଅନ୍ୟ ଲୋକଙ୍କ ଜିରୋ ନାଇଟ ସେଲିବ୍ରେଶନ ପାଇଁ କଟକ କ୍ଲବରେ ବେଶ୍ ସମାଗମ ହୋଇଥାଏ। ତେଣୁ ଲୋକଙ୍କ ସୁରକ୍ଷା ପ୍ରତି ଗୁରୁତ୍ୱ ଦିଆଯାଇଛି। କାର୍ଯ୍ୟକ୍ରମ ମଧ୍ୟରେ ବଲିଉଡ୍ କଣ୍ଠଶିଳ୍ପୀ ଶାଶ୍ୱତୀ ମହାନ୍ତି ସଙ୍ଗୀତ ପରିବେଷଣ କରିବେ। ଏଥିସହ ରୁଷିଆନ୍ ବେଲି ଡ୍ୟାନ୍ସ ଗ୍ରୁପ୍ ନୃତ୍ୟ, ବଲିଉଡ ଡ୍ୟାନ୍ସ ଗ୍ରୁପ୍ ସମେତ ଅନ୍ୟାନ୍ୟ କାର୍ଯ୍ୟକ୍ରମ କରାଯିବ। ସନ୍ଧ୍ୟାରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇ ପୋଲିସର ନିୟମ ମୁତାବକ ରାତ୍ର ୧୨ଟା ସୁଦ୍ଧା ଶେଷ କରାଯିବ ବୋଲି ପଟ୍ଟନାୟକ କହିଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କ୍ଲବର ସଭାପତି ଡା. ଶ୍ରୀଜୟ ପଟ୍ଟନାୟକ, ଯୁଗ୍ମସମ୍ପାଦକ ସଞ୍ଜୀବ ସାହୁଙ୍କ ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

## ବିପଦର ବନ୍ଧୁ ସେବା ସଙ୍ଗଠନର ବାର୍ଷିକୋତ୍ସବ



ବିପଦର ବନ୍ଧୁ ସ୍ୱେଚ୍ଛାସେବୀ ସଙ୍ଗଠନର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

କଟକ ସଦର, ୨୯।୧୨ (ସୁଶାନ୍ତ କୁମାର ଜେନା)

କଟକ ସଦର ନିର୍ବାଚନମଣ୍ଡଳୀର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ 'ବିପଦର ବନ୍ଧୁ'ର ତୃତୀୟ ବାର୍ଷିକୋତ୍ସବ ରବିବାର ଈଶାଣି ବ୍ରହ୍ମପୁର ପଞ୍ଚାୟତ ମଲ୍ଲିପୁରଠାରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନ ସଭାପତି ଭୈରବ ଚନ୍ଦ୍ର ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସିଭି ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶକ ପ୍ରଫେସର ମନୋଜ କୁମାର ନାୟକ, ମୁଖ୍ୟବକ୍ତା ଭାବେ ପ୍ରଦୀପ୍ତ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ସ୍ୱାମୀ ଅଦ୍ୱୈତାନନ୍ଦ ସରସ୍ୱତୀ, ଶିକ୍ଷାବିତ୍ କାଙ୍ଗାଳି ଚରଣ ବେହେରା ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ସଙ୍ଗଠନର ସମ୍ପାଦକ ସୁଧାକର ଦାଶ ବିବରଣୀ ପାଠ କରିଥିଲେ। ଏହି ଅବସରରେ ନିରାଶ୍ରୟ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ଶେଷରେ ବ୍ୟଙ୍ଗକବି ପ୍ରତାପ ବେହେରା ଧନ୍ୟବାଦ ଦେଇଥିବା ବେଳେ ଅଧ୍ୟାପକ ଧରଣୀଧର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭବାନୀ ଶଙ୍କର ରାୟ, ଜ୍ୟୋତିପ୍ରକାଶ ମହାନ୍ତି, କ୍ଷୀତିନ୍ଦ୍ର ମିତ୍ର ପ୍ରମୁଖ ସହଯୋଗ କରିଥିଲେ।

## କଟକ ବ୍ୟାଙ୍କ କର୍ମଚାରୀ ସମନ୍ୱୟ ସମିତି ସମ୍ମିଳନୀ

କଟକ, ୨୯।୧୨ (କାର୍ତ୍ତିକ ସାହୁ)

ଗଣବ୍ୟାଙ୍କ ବ୍ୟବସ୍ଥାର ସୁରକ୍ଷା ସହ ବୃହତ୍ କର୍ପୋରେଟ ଋଣୀମାନଙ୍କର ଅନାଦେୟ ଋଣ ଅସୁଲି ପାଇଁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ, ବ୍ୟାଙ୍କଗୁଡ଼ିକରେ ଦୁଇଲକ୍ଷରୁ ଅଧିକ ଶୂନ୍ୟ ପଦ ରହିଥିବା ସ୍ଥାନରେ କର୍ମଚାରୀ ନିଯୁକ୍ତି, ଶ୍ରମ କୋଡ୍ ବାତିଲ, ଦରବୃଦ୍ଧି ନିୟନ୍ତ୍ରଣ ଆଦି ସମସ୍ୟାଗୁଡ଼ିକର ସମାଧାନ ଦାବିରେ କଟକ ବ୍ୟାଙ୍କ କର୍ମଚାରୀ ସମନ୍ୱୟ ସମିତି ସମ୍ମିଳନୀରେ ବକ୍ତାମାନେ ମତପୋଷଣ କରିଛନ୍ତି। ଶତାବ୍ଦୀ ଭବନଠାରେ ରବିବାର କଟକ ବ୍ୟାଙ୍କ କର୍ମଚାରୀ ସମନ୍ୱୟ ସମିତିର ସମ୍ମିଳନୀ ସୁଭାଷ ଚନ୍ଦ୍ର ବୋଷ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଡ. ସତ୍ୟ ରାୟ, ମୁଖ୍ୟବକ୍ତା ନିଖିଳ ଓଡ଼ିଶା ବ୍ୟାଙ୍କ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ତ୍ରିପାଠୀ ଏବଂ ସମ୍ମାନିତ ଅତିଥି ଭାବେ ଏଆଇବିଇଏସିର ରାଜ୍ୟ ସମ୍ପାଦକ କିଶୋର ଜେନା ଯୋଗଦେଇ ବ୍ୟାଙ୍କ ଶିଳ୍ପ ଓ କର୍ମଚାରୀଙ୍କ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଅଭ୍ୟର୍ଥନା ସମିତିର ଅଧ୍ୟକ୍ଷ ବିଜୟ କୁମାଇ ପଢ଼ିଆରୀ ସ୍ୱାଗତ ଭାଷଣ ଦେଇଥିବାବେଳେ କାର୍ଯ୍ୟକ୍ରମ ଆବାହକ ବିଶୁଦ୍ଧଚକ୍ର ଦାସ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସଙ୍ଗଠନର ଉପସଭାପତି ବିପିନ ବିହାରୀ ପାଢ଼ୀ, ବ୍ୟାଙ୍କ ଅଫିସର୍ସ ସଂଘର ଅଶୋକ ତା', ଏଆଇବିଇଏସି ନେତା ବିନୋଦ ବେହେରା, ପ୍ରସନ୍ନ ମହାପାତ୍ର ଯୋଗଦେଇଥିଲେ। ଏହି ଅବସରରେ ନୂତନ କର୍ମକର୍ତ୍ତା ଭାବେ ସୁଭାଷ ଚନ୍ଦ୍ର ବୋଷ୍ ସଭାପତି, ବିଶୁଦ୍ଧଚକ୍ର ଦାସ ଆବାହକ ଏବଂ ଦିଲୀପ କୁମାର ମଲ୍ଲିକ କୋଷାଧ୍ୟକ୍ଷ ରୂପେ ମନୋନୀତ ହୋଇଛନ୍ତି।

## ଭାଇଚାରା ହିଁ ଅଖଣ୍ଡ ଭାରତର ମୂଳମନ୍ତ୍ର

ତିଗିରିଆ, ୨୯।୧୨ (ଜାଫର ଖାଁ)

**୧୨୯ତମ କାଦିଆନ ସର୍ବଧର୍ମ ଶାନ୍ତି ସମ୍ମିଳନୀ ଉଦ୍‌ଯାପିତ**

ପଞ୍ଜାବର କାଦିଆନଠାରେ ଆୟୋଜିତ ଜଲସା ସାଲାନା ରବିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରେମ ସଭିଙ୍କ ପାଇଁ, ଘୃଣା କାହାକୁ ନାହିଁ। ବସୁଧୈବ କୁଟୁମ୍ବକମ୍, ମାନବିକତା ହିଁ ପରମ ଧର୍ମ, ମାନବ ସେବା ହିଁ ମାଧବ ସେବା, ସର୍ବେ ଭବନ୍ତୁ ସୁଖୀନଃ, ଏକତାରେ ହିଁ ଅଖଣ୍ଡତା, ଆଜ୍ଞାବହତା ହିଁ ସଫଳତାର ଚାବିକାଠି, ଧର୍ମବିଶ୍ୱାସ ହିଁ ସତ୍‌ମାର୍ଗ, ଭକ୍ତି କଲେ ଶକ୍ତି ମିଳେ। ଭାଇଚାରା ହିଁ ଅଖଣ୍ଡ ଭାରତର ମୂଳମନ୍ତ୍ର। ଆତ୍ମଶାନ୍ତି ହିଁ ବିଶ୍ୱଶାନ୍ତି। ୧୨୯ତମ କାଦିଆନ ସର୍ବଧର୍ମ ଶାନ୍ତି ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବରେ ଏଭଳି ଆତ୍ମତୃପ୍ତି ଓ ମହାମନ୍ତ୍ର ଶୁଣିବାକୁ ମିଳିଛି। ରବିବାର ପ୍ରଥମ ଅଧିବେଶନରେ କେନ୍ଦ୍ରୀୟ ଅହମ୍ମଦିୟା ମୁସ୍‌ଲିମ ସଙ୍ଗଠନର ଉତ୍ତର ଭାରତ ପ୍ରଚାର ଓ ପ୍ରସାର ବିଭାଗର ସଚିବ ମୌଲାନା ମୁନିର ଖାଦିମ ପୌରୋହିତ୍ୟ କରିଥିଲେ। ସଭାର ଶୁଭାରମ୍ଭ ପବିତ୍ର କୋରାନ୍ ଶ୍ଳୋକ ଓ ଉର୍ଦ୍ଦୁ କବିତା ନଜମ ପାଠ କରାଯାଇଥିଲା। ପ୍ରଥମ ବକ୍ତା ଭାବେ ଅହମ୍ମଦିୟା ମୁସ୍‌ଲିମ ନ୍ୟାୟପାଳିକା ବୋର୍ଡର ସଭାପତି ମନ୍‌ସୁର ଅହମ୍ମଦ ମସ୍‌ରୁର ଅବତାରବାଦ୍‌ର ପରମ୍ପରା ବିଷୟରେ ଆଲୋକପାତ କରିଥିଲେ। ପୈଗମ୍ବର ହଜରତ ମହମ୍ମଦ ସଲ୍ଲମ ସମଗ୍ର ବିଶ୍ୱବାସୀଙ୍କ ପାଇଁ କରୁଣାର ସାଗର ହୋଇ ଆସିଥିଲେ। କାହା ସହ ତାଙ୍କର ବୈରାଗ୍ୟଭାବ ନ ଥିଲା। ସେ ମାନବ ଜାତି ପାଇଁ ଭାଇଭାଇର ବାର୍ତ୍ତା ବହନ କରିଥିଲେ ବୋଲି କହିଥିଲେ। ଦ୍ୱିତୀୟ ବକ୍ତା ଭାବେ ଦିଲ୍ଲୀ ଅହମ୍ମଦିୟା ମିଶନର ଅତିରିକ୍ତ ପ୍ରଚାରକ ମୌଲାନା ସେକ୍ ଫାତେହୁଦ୍ଦିନ ଅହମ୍ମଦିୟା ମୁସଲିମ ସମ୍ପ୍ରଦାୟର ପ୍ରବର୍ତ୍ତକ ହଜରତ୍ ମିର୍ଜା ଗୁଲାମ ଅହମ୍ମଦଙ୍କ ପବିତ୍ର ଜୀବନ ଚରିତ୍ରର ଆଦର୍ଶ ଉପସ୍ଥାପନା କରିଥିଲେ। ତୃତୀୟ ବକ୍ତା ଭାବେ ଅତିରିକ୍ତ ମୁଖ୍ୟ ସଚିବ ମୌଲାନା ହାଫିଜ୍ ମଖଦୁମ୍ ଶରିଫ ଯୋଗଦେଇ ପ୍ରବର୍ତ୍ତକ ହଜରତ ମିର୍ଜା ଗୁଲାମ ଅହମ୍ମଦଙ୍କ ପୈଗମ୍ବର ହଜରତ ମହମ୍ମଦଙ୍କ ସହ ପ୍ରେମଭାବର ପବିତ୍ର ସମ୍ବନ୍ଧ ବିଷୟରେ ଅବତାରଣା କରିଥିଲେ। ମୁଖ୍ୟ ସଚିବ ମୌଲାନା ମୁହମ୍ମଦ ଇନାମ ଘୋରୀ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଯାପନୀ ଅଧିବେଶନରେ ବିଶ୍ୱବ୍ୟାପ୍ତ ଅହମ୍ମଦିୟା ମୁସ୍‌ଲିମ ସଙ୍ଗଠନର ସର୍ବୋଚ୍ଚ ମୁଖ୍ୟ ହଜରତ ମିର୍ଜା ମସରୁର ଅହମ୍ମଦ ଲଣ୍ଡନରୁ ପ୍ରସାରିତ ମୁସଲିମ ଟେଲିଭିଜନ ଅହମ୍ମଦିୟା ସାଟେଲାଇଟ ଟିଭି ମାଧ୍ୟମରେ ଉପସ୍ଥିତ ସଭା ସଜ୍ଜନ ମଣ୍ଡଳୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି ସମ୍ମିଳନୀରେ ୪୨ ଦେଶର ପ୍ରତିନିଧି ତଥା ଭାରତବର୍ଷର କୋଣଅନୁକୋଣରୁ ବହୁ ହଜାର ଶ୍ରଦ୍ଧାଳୁ ଯୋଗଦେଇଥିଲେ।


ସମ୍ମିଳନୀରେ ଯୋଗଦେଇଥିବା ଅତିଥିବୃନ୍ଦ।

## 'ଉପଯୁକ୍ତ ମାର୍ଗଦର୍ଶନରେ ଶିଶୁଙ୍କୁ ସଫଳତା ମିଳିବ'



ଓଷ୍ଟାର ୪୧ତମ ରାଜ୍ୟସ୍ତରୀୟ ଶିଶୁ ଉତ୍ସବରେ ମଞ୍ଚାସୀନ ଅତିଥିଙ୍କ ଗହଣରେ ପୁରସ୍କୃତ ଓ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ରମାନେ।

କଟକ, ୨୯।୧୨ (କାର୍ତ୍ତିକ ସାହୁ)

**ଓଷ୍ଟାର ୪୧ତମ ରାଜ୍ୟସ୍ତରୀୟ ଶିଶୁ ଉତ୍ସବ ଉଦ୍‌ଯାପିତ**

ନୟାସଡ଼କସ୍ଥିତ ମୁଖ୍ୟାଳୟରେ ତିନିଦିନ ଧରି ଚାଲିଥିବା ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ର ୪୧ତମ ରାଜ୍ୟସ୍ତରୀୟ ଶିଶୁ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ପୂର୍ବାହ୍ନରେ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର, ଗାଇଡ୍ ଓ ନେତୃମଣ୍ଡଳୀଙ୍କୁ ନେଇ ଏକ ଶାନ୍ତି ଶୋଭାଯାତ୍ରା ଓଷ୍ଟା ମୁଖ୍ୟାଳୟରୁ ବାହାରି ଚୌଧୁରୀ ବଜାର, ଦରଘାବଜାର ଦେଇ ଓଡ଼ିଆ ବଜାରସ୍ଥିତ ନେତାଜୀଙ୍କ ଜନ୍ମପୀଠରେ ପହଞ୍ଚିଥିଲା। ସେଠାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ୍‌ଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

ଓଷ୍ଟା ସଭାପତି ଅକ୍ଷୟ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ରତିକାନ୍ତ ମହାପାତ୍ର ଯୋଗଦେଇ କହିଲେ, ଶିଶୁମାନଙ୍କ ଭିତରେ ସମ୍ଭାବନା ଭରିରହିଛି। ଉପଯୁକ୍ତ ମାର୍ଗଦର୍ଶନରେ ଚାଲିଲେ ସଫଳତାପ୍ରାପ୍ତି ନିଶ୍ଚୟ ବୋଲି ଛାତ୍ରୀଛାତ୍ରଙ୍କୁ ସେ କହିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ଶିକ୍ଷାଧିକାରୀ ସନ୍ତୋଷ କୁମାର ରାଉତ ଯୋଗଦେଇ ସ୍ୱପ୍ନ ଓ ସମ୍ଭାବନାକୁ ସାକାର କରିବା ତଥା ସମସ୍ତେ ବିକଶିତ ହୋଇ ଭଲ ମଣିଷ ହେବାକୁ ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଥିଲେ। ଏହି ଅବସରରେ ୨୦୨୪ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ସମଗ୍ର ରାଜ୍ୟରେ ସର୍ବୋଚ୍ଚ ୫୮୩ ନମ୍ବର ରଖିଥିବା ଛାତ୍ର ଶୁଭଙ୍କର ସାହୁଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଅତିଥି ଓଷ୍ଟା ଇତିହାସ ସମ୍ବଳିତ ପୁସ୍ତିକା 'ସ୍ମୃତି ଓ ବିସ୍ମୃତିରେ ଓଷ୍ଟା-ପ୍ରଥମ ଖଣ୍ଡ'ର ଉନ୍ମୋଚନ କରିଥିଲେ। ସମ୍ମାନିତ ଅତିଥି କଣ୍ଠଶିଳ୍ପୀ ସୁବାସ ଦାସ ଓଷ୍ଟା ଟେଷ୍ଟପେପର୍ସ ପଢ଼ି ମାଟ୍ରିକ୍ ପରୀକ୍ଷାରେ ଉଚ୍ଚନମ୍ବର ହାସଲ କରିପାରିଥିବା କଥା କହିବା ସହ ପିଲାମାନଙ୍କୁ ସ୍ପଷ୍ଟବାଦୀ ହେବାକୁ ପରାମର୍ଶ ଦେଇଥିଲେ। ତିନିଦିନ ମଧ୍ୟରେ ହୋଇଥିବା ତର୍କ, କଣ୍ଠସଙ୍ଗୀତ, କବିତା ରଚନା, ଗଳ୍ପଲିଖନ, ଚିତ୍ରାଙ୍କନ, ଆବୃତ୍ତି, ଏକକ ଅଭିନୟ, ଏକକ ନୃତ୍ୟ, ବୁଦ୍ଧି ପରୀକ୍ଷା ଓ ସାଧାରଣ ଜ୍ଞାନ ଆଦି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ଛାୟା ବିଧାନସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଓଷ୍ଟା ଶୈକ୍ଷିକ କମିଟି ସମ୍ପାଦକ ପ୍ରଣବ କୁମାର ଜେନା ଅତିଥି ପରିଚୟ ପ୍ରଦାନ ଏବଂ ସନ୍ତୋଷ କୁମାର ନାୟକ ନାଗରିକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର ଓ ଶିକ୍ଷାପ୍ରଦୀପ ସମ୍ପାଦକ ଶଙ୍କର କୁମାର ସୁବୁଦ୍ଧି ମଞ୍ଚାସୀନ ରହି ଛାତ୍ରୀଛାତ୍ରଙ୍କୁ ସୁପରାମର୍ଶ ପ୍ରଦାନ କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଶ୍ରୀମନ୍ତ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।

